


# ଲିଗ୍ ଅପରେଟର୍ ହ୍ୟାଣ୍ଡବୁକ୍ 2022-23

GOLDEN BABY LEAGUES

Play • Learn • Perform

# ମୁଖବନ୍ଧ

ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫ୍ଏଫ୍) ସିଜନ 2022-23 ପାଇଁ ଗୋଲଡେନ୍ ବେବି ଲିଗ୍ ର ତୃତୀୟ ସଂସ୍କରଣ ଉପସ୍ଥାପନ କରି ଅତ୍ୟନ୍ତ ଆନନ୍ଦିତ । ଗୋଲଡେନ୍ ବେବି ଲିଗ୍ ସଫଳତାର ସହ 2 ବର୍ଷ ଆୟୋଜିତ ହେବା ପରେ, କୋଭିଡ୍ ଦ୍ୱାରା ଏହି ପ୍ରକଳ୍ପ ପ୍ରଭାବିତ ହୋଇଥିଲା । ଆମର ଲିଗ୍ ଅପରେଟରମାନଙ୍କର ଉତ୍ସାହ, ସାମର୍ଥ୍ୟ ଏବଂ ଦୃଢ଼ତା ପ୍ରଶଂସନୀୟ । ସେମାନେ ଏହି ସମୟ ମଧ୍ୟରେ ବିଭିନ୍ନ ଉପାୟରେ ପିଲାମାନଙ୍କୁ ବ୍ୟସ୍ତ ରଖିବା ପାଇଁ ଚେଷ୍ଟା ଜାରି ରଖିଥିଲେ ଏବଂ ବର୍ତ୍ତମାନ ଯେହେତୁ ମହାମାରୀର ପ୍ରକୋପ କମ୍ ହେବା ପରି ମନେ ହେଉଛି, ଆମେ ଆପଣଙ୍କୁ ପିଲାମାନଙ୍କୁ ଖେଳ ପଡ଼ିଆକୁ ପଠାଇବା ପାଇଁ ଆମନ୍ତ୍ରଣ କରୁଛୁ । ପଡ଼ିଆରେ ପିଲାମାନେ ମଜା କରିବେ, କେତେ କଥା ଶିଖିବେ ଏବଂ ଗୋଲଡେନ୍ ବେବି ଲିଗ୍ ମାଧ୍ୟମରେ ଫୁଟବଲ୍, ଫୁଟସାଲ୍ ଏବଂ / କିମ୍ବା ବିଚ୍ ସକର୍ ଖେଳି ନୂଆ ନୂଆ ସାଙ୍ଗ କରିବେ ।

ଏହି ହ୍ୟାଣ୍ଡବୁକ୍ ଇଣ୍ଡିଆନ୍ ଫୁଟବଲର ସମସ୍ତ ହିତାଧିକାରୀ ଯଥା କ୍ଲବ୍, ଏକାଡେମୀ, ବିଦ୍ୟାଳୟ, ଅଣ-ସରକାରୀ ସଂଗଠନ, ପିତାମାତା, କୋଚ୍ କିମ୍ବା ଫୁଟବଲ୍ ପ୍ରଶଂସକଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ପିଲାମାନଙ୍କୁ ଫୁଟବଲ୍ ସହିତ ଜଡ଼ିତ କରି ଏକ ପାର୍ଥକ୍ୟ ସୃଷ୍ଟି କରିବାକୁ ଚାହୁଁଛନ୍ତି । ସମସ୍ତେ ଦେଶର ଯେକୌଣସି ସ୍ଥାନରେ ଯେ କେହି ଏଆଇଏଫ୍ଏଫ୍ ଗୋଲଡେନ୍ ବେବି ଲିଗ୍ ଆୟୋଜନ କରିପାରିବେ । ଲିଙ୍ଗ, ଧର୍ମ, ଅର୍ଥନୈତିକ ପୃଷ୍ଠଭୂମି କିମ୍ବା ଜାତିଗତ ନିର୍ବିଶେଷରେ ଫୁଟବଲକୁ ପିଲାମାନଙ୍କର ସ୍ଥାନୀୟ ସମୁଦାୟର ନିକଟତର କରିବାକୁ ଲିଗ୍ ଲକ୍ଷ୍ୟ ରଖିଛି ।

ଆମର ଲିଗ୍ ଅପରେଟରମାନଙ୍କ ମତାମତ ଉପରେ ଆଧାର କରି, ଆମେ ଏହି ସିଜନ ଆୟୋଜନ କରିବା ପାଇଁ ଗାଇଡଲାଇନକୁ ଅଧିକ ନମନୀୟ ଏବଂ ସହଜ କରିଛୁ । ଅନ୍ୟତମ ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ନିରାପଦ, ସ୍ୱାଗତଯୋଗ୍ୟ, ମଜାଳିଆ ଏବଂ ଗୁଣାତ୍ମକ ଫୁଟବଲ୍ ଅଭିଜ୍ଞତା ପ୍ରଦାନ କରିବା ଏବଂ ଆମେ ଆଶା କରୁଛୁ ଯେ ଆମ ପିଲାମାନଙ୍କ ପାଇଁ ଏପରି ଖେଳ ପରିବେଶ ସୃଷ୍ଟି କରିବାରେ ହ୍ୟାଣ୍ଡବୁକ୍ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ପ୍ରଶ୍ନ, ମତାମତ ଏବଂ କାହାଣୀ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ସେଗୁଡ଼ିକ ଆପଣ babyleagues@the-aiff.comରେ ପଠାଇପାରିବେ

ନୂଆ ସିଜନ ପାଇଁ ଆମେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ । ଆସନ୍ତୁ ଭାରତୀୟ ଫୁଟବଲକୁ ଏକାଠି ଆଗେଇ ନେବା ପାଇଁ ହାତ ମିଳାଇବା ।

**ଟିମ୍ ଗୋଲଡେନ୍ ବେବି ଲିଗ୍ସ**

# ସୂଚୀପତ୍ର


- ପରିଚିତି
- ଗୋଲଡେନ୍ ବେବି ଲିଗ୍ ଆୟୋଜନ କରିବାର ଲାଭ
- ଗୋଲଡେନ୍ ବେବି ଲିଗ୍ ବର୍ଗଗୁଡ଼ିକ
- 1: 1 (ୱାନ୍ ଅଲ୍) ସବସିଡି
- ମ୍ୟାଚ୍ ଫର୍ମାଟ୍ (ଫୁଟବଲ୍)
- ମ୍ୟାଚ୍ ଫର୍ମାଟ୍ (ଫୁଟସଲ୍)
- ମ୍ୟାଚ୍ ଫର୍ମାଟ୍ (ବିଚ୍ ସକର୍)
- ପଏଣ୍ଟ ସିଷ୍ଟମ୍
- ମ୍ୟାଚ୍ ଦିନଗୁଡ଼ିକରେ ପିଚ୍ ଅର୍ଗାନାଇଜେସନ୍
- ବାସ୍କେଟବଲ୍ କୋର୍ଟରେ ଫୁଟସଲ୍
- ବିଚ୍ ସକର୍ - ଖେଳ ପଡ଼ିଆ
- ପିଚ୍ ଗାଇଡଲାଇନ୍
- ଚିକିତ୍ସା ବ୍ୟବସ୍ଥା
- ଫୁଟବଲର ଏକ ସଫଳ ଦିନ ପାଇଁ ପାଞ୍ଚଟି ମୌଳିକ କାମ
- ପିଲାମାନଙ୍କୁ ସୁରକ୍ଷା ଯୋଗାଇବା
- ଆଚରଣ ସଂହିତା
- ଜିଲ୍ଲା ଚାମ୍ପିୟନସିପ୍
- ଲିଗ୍ ଅପରେଟର୍ ରାଙ୍କିଂ
- ଖେଳର ମାନକ - ଫୁଟବଲ୍
- ଖେଳର ମାନକ - ଫୁଟସଲ୍
- ଖେଳର ମାନକ - ବିଚ୍ ସକର୍
- ଆପେଣ୍ଡିକ୍ସ ଏ
- ସ୍ଥାନ ମୂଲ୍ୟାଙ୍କନ
- ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗଗୁଡ଼ିକ

# ଉପକ୍ରମ

ଏଆଇଏଫ୍ଏଫ୍ ଗୋଲଡେନ୍ ବେବି ଲିଗ୍ ହେଉଛି ଏକ ଖେଳାଳି ବିକାଶ ପ୍ରକଳ୍ପ ଯାହାକି ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍ ଦ୍ୱାରା 6 ବର୍ଷରୁ କମ୍ ଏବଂ 12 ବର୍ଷରୁ କମ୍ ବୟସର ଖେଳାଳିମାନଙ୍କୁ ନିୟୋଜିତ କରିବା ପାଇଁ ଆରମ୍ଭ ହୋଇଛି । ଦେଶର ପ୍ରତ୍ୟେକ ପିଲାଙ୍କୁ ଫୁଟବଲ୍ ଖେଳିବା ପାଇଁ ଏକ ପ୍ଲାଟଫର୍ମ ଯୋଗାଇବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି । ଏହାର ଅନେକଗୁଡ଼ିଏ ଲକ୍ଷ୍ୟ ରହିଛି । ଯଥା:

- ପିଲାମାନଙ୍କ ପାଇଁ ଏକ ଖେଳ ପରିବେଶ ଯୋଗାଇବା
- ଯୁବ ଫୁଟବଲ ପାଇଁ ବ୍ଲକ ନିର୍ମାଣ
- ଏକ ଫୁଟବଲ୍ ସଂସ୍କୃତିର ବିକାଶ
- ଦୀର୍ଘକାଳୀନ ନିୟୋଜନ ଏବଂ ଖେଳାଳିଙ୍କ ବିକାଶ
- କୌତୁହଳପ୍ରଦ, ଶିକ୍ଷଣୀୟ ଏବଂ ବନ୍ଧୁତ୍ୱର ପରିବେଶ ସୃଷ୍ଟି କରିବା
- ସମସ୍ତଙ୍କ ପାଇଁ ଫୁଟବଲ୍

ଏଆଇଏଫ୍ଏଫ୍ ସଦସ୍ୟ ସଙ୍ଗଠନଗୁଡ଼ିକର ସହଯୋଗରେ ନିଜ ସମୁଦାୟ ଏବଂ ଅଞ୍ଚଳର ପିଲାମାନଙ୍କ ପାଇଁ ଗୋଲଡେନ୍ ବେବି ଲିଗ୍ ଆୟୋଜନ କରିବାକୁ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକୁ ଚିହ୍ନଟ କରିବା ସହିତ ସଶକ୍ତ କରି ଏହା କରାଯାଉଛି ।

ଗୋଲଡେନ୍ ବେବି ଲିଗ୍ ଆୟୋଜନ କରିବା ପାଇଁ ଆବେଦନ କରିବା ବହୁତ ସହଜ । ଆଶାୟୀ ଲିଗ୍ ଅପରେଟର୍ସ ଗୋଲଡେନ୍ ବେବି ଲିଗ୍ ମୋବାଇଲ୍ ଆପ୍ଲିକେସନ୍ ଡାଉନଲୋଡ୍ କରିପାରିବେ ଏବଂ ଆପ୍ ମାଧ୍ୟମରେ ଅନୁମୋଦନ ପାଇଁ ଆବେଦନ କରିପାରିବେ । ଏଆଇଏଫ୍ଏଫ୍ ସଦସ୍ୟ ସଂଘର ଅନୁମୋଦନ ପରେ ଅପରେଟର୍ ଏହି ହ୍ୟାଣ୍ଡବୁକର ନିର୍ଦ୍ଦେଶାବଳୀ ଅନୁଯାୟୀ 'ସ୍ୱୀକୃତିପ୍ରାପ୍ତ' ଗୋଲ୍ଡେନ୍ ବେବି ଲିଗ୍ ଆୟୋଜନ କରିବାକୁ ଆଗକୁ ବଢ଼ି ପାରିବେ ।

ଲିଗ୍ ଅପରେଟର୍ ମୋବାଇଲ୍ ଆପ୍ ରେ ସମସ୍ତ ସୂଚନା ଅପଡେଟ୍ କରି ଏଆଇଏଫ୍ଏଫ୍ ଦ୍ୱାରା ଅନୁରୋଧ କରାଯାଇଥିବା ଅନ୍ୟାନ୍ୟ ଔପଚାରିକତା ଶେଷ କରିବା ପରେ ଗୋଲଡେନ୍ ବେବି ଲିଗ୍ ଆୟୋଜନ କରିବା ପାଇଁ ସ୍ୱୀକୃତି ପ୍ରାପ୍ତ କରିଥାନ୍ତି ।




# ଗୋଲ୍ଡେନ୍ ବେବି ଲିଗ୍ ଆୟୋଜନ କରିବାର ଲାଭଗୁଡ଼ିକ

- ପରିଚାଳନା ଏବଂ ଆୟୋଜନ କରିବା ସହଜ
- କମ୍ ଖର୍ଚ୍ଚରେ ହୋଇପାରିବ
- ପିଲାମାନଙ୍କ ପାଇଁ ବୟସ ଅନୁଯାୟୀ ବିକାଶ ଉପଯୋଗୀ ଖେଳ ଯୋଗାଇଥାଏ
- ଛୋଟପିଲା, ପିତାମାତା ଏବଂ କୋଚମାନଙ୍କୁ ଆକର୍ଷିତ କରିବା ପାଇଁ ଆକର୍ଷଣୀୟ ନିୟୋଜନ ମଡେଲ
- ଆପ୍ ମାଧ୍ୟମରେ ଲିଗ୍ ମ୍ୟାନେଜମେଣ୍ଟ ସହଜ କରାଯାଇଛି
- ମୌଳିକ ଭିତ୍ତିଭୂମି ଆବଶ୍ୟକ କରେ
- ଯେକୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଦ୍ୱାରା ଆୟୋଜିତ ହୋଇପାରିବ
- ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ ଏବଂ ଏହା ସଦସ୍ୟ  ସଙ୍ଗଠନର ସ୍ୱୀକୃତି ମିଳିବ

# ଗୋଲଡେନ୍ ବେବି ଲିଗ୍ ବର୍ଗଗୁଡ଼ିକ

| | ★ | ★★ | ★★★ |
|---|---|---|---|
| ବୟସ ବର୍ଗଗୁଡ଼ିକ | 1 | 2 | 3 |
| ଗୋଟିଏ ବୟସ ବର୍ଗରେ ଦଳଗୁଡ଼ିକ | 8 | 8 | 8 |
| ମ୍ୟାଚଗୁଡ଼ିକର ସର୍ବନିମ୍ନ ସଂଖ୍ୟା | 7 | 14 | 21 |

ଲିଗ୍ ଅପରେଟର୍ ଏହି ସିଜନରେ ଆୟୋଜନ କରିବାକୁ ଚାହୁଁଥିବା ଗୋଲଡେନ୍ ବେବି ଲିଗ୍ ବର୍ଗ ଚୟନ କରିପାରିବେ ।

ସେହି ଅନୁସାରେ ସେମାନଙ୍କର ଲିଗ୍ ସ୍ୱୀକୃତି ପାଇବ ।

**1 ଷ୍ଟାର୍ ଗୋଲଡେନ୍ ବେବି ଲିଗ୍:**
ନୂଆ ଗୋଲଡେନ୍ ବେବି ଲିଗ୍ ଅପରେଟରମାନଙ୍କ ପାଇଁ ଉତ୍ତମ

**2 ଷ୍ଟାର୍ ଗୋଲଡେନ୍ ବେବି ଲିଗ୍:**
• ଅଭିଜ୍ଞ ଲିଗ୍ ଅପରେଟରମାନଙ୍କ ପାଇଁ ଉତ୍ତମ, ଯେଉଁମାନେ ଅଧିକ ବୟସ ବର୍ଗ ଏବଂ ପିଲାମାନଙ୍କୁ ନିୟୋଜିତ କରିପାରିବେ ।
• ଏକାଡେମୀ ଆକ୍ରେଡିଟେସନ୍ ପଏଣ୍ଟ ପାଇବା ପାଇଁ ଏଆଇଏଫ୍ଏଫ୍ ସ୍ୱୀକୃତିପ୍ରାପ୍ତ ଏକାଡେମୀଗୁଡ଼ିକ ଏହି ମାନଦଣ୍ଡ ପୂରଣ କରିବାକୁ ହୋଇଥାଏ ।

**3 ଷ୍ଟାର୍ ଗୋଲଡେନ୍ ବେବି ଲିଗ୍:**
• ଘରୋଇ ଖେଳାଳୀମାନଙ୍କର ଏକ ଦୀର୍ଘକାଳୀନ ବିକାଶ ପଥ ଗଠନ କରିବାକୁ ଚାହୁଁଥିବା କ୍ଲବ ଏବଂ ଏକାଡେମୀ ପାଇଁ ଉତ୍ତମ ।
• କ୍ଲବ ଲାଇସେନ୍ସ ପାଇଁ ଇଣ୍ଡିଆନ୍ ସୁପର ଲିଗ୍ ଏବଂ ଆଇ-ଲିଗ୍ କ୍ଲବଗୁଡ଼ିକ ଏହି ମାନଦଣ୍ଡ ପୂରଣ କରିବା ଆବଶ୍ୟକ ହୋଇଥାଏ ।

# 1:1 (ୱାନ୍-ଅଲ୍) ସବସିଡି

ମହିଳା ଖେଳାଳି, ପ୍ରଶିକ୍ଷକ, ରେଫରି, ସ୍ବେଚ୍ଛାସେବୀ ଏବଂ ଲିଡରମାନଙ୍କ ବର୍ଦ୍ଧିତ ଅଂଶଗ୍ରହଣ ସହିତ ମହିଳା ଫୁଟବଲର ବିକାଶ ପାଇଁ ଫିଫା, ଏଏଫସି ଏବଂ ଏଆଇଏଫ୍ଏଫ୍ ପ୍ରତିବଦ୍ଧ । ଫୁଟବଲରେ ସମସ୍ତ ଲିଙ୍ଗର ସମାନ ଅଂଶଗ୍ରହଣ ଏବଂ ପଡ଼ିଆରେ ଖେଳୁଥିବା ବାଳକ ଏବଂ ବାଳିକାଙ୍କ ସମାନ ଅନୁପାତ ରହିବା ସ୍ପୃହଣୀୟ ଅଟେ ଯଥା 1: 1 ଅନୁପାତ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଏଆଇଏଫ୍ଏଫ୍ ଫିଫା ମହିଳା ବିକାଶ କାର୍ଯ୍ୟକ୍ରମ ପାଣ୍ଠି ମାଧ୍ୟମରେ 1: 1 (ୱାନ୍ ଅଲ୍) ସବସିଡି ଅଫର୍ କରି ଆନନ୍ଦିତ ଅନୁଭବ କରୁଛି । ଏହି ସବସିଡି ଗୋଲଡେନ୍ ବେବି ଲିଗରେ ଝିଅମାନଙ୍କର ସର୍ବାଧିକ ଅଂଶଗ୍ରହଣ ନିଶ୍ଚିତ କରିବାକୁ ସମସ୍ତ ଲିଗ୍ ଅପରେଟରମାନଙ୍କୁ ଉତ୍ସାହିତ କରିଥାଏ ।

ସବସିଡି ପାଇବାକୁ ଯୋଗ୍ୟ ହେବା ପାଇଁ ଲିଗ୍ ଅପରେଟର ଲିଗରେ ସର୍ବନିମ୍ନ 50% ମହିଳା ଖେଳାଳିମାନଙ୍କ ଅଂଶଗ୍ରହଣ ନିଶ୍ଚିତ କରିବାକୁ ପଡ଼ିବ ।

ଲିଗ୍ ଅପରେଟର୍ସ କେବଳ ଝିଅମାନଙ୍କ ପାଇଁ ଲିଗ୍ ଆୟୋଜନ କରିବା ବିଷୟ ମଧ୍ଯ଼ ବିଚାରକୁ ନେବା ଉଚିତ ।

ନିମ୍ନୋକ୍ତ ଅନୁଯାୟୀ ତିନୋଟି ଲିଗ୍ ବର୍ଗରେ 49 ଟି ଲିଗ୍ ଅପରେଟରଙ୍କ ପାଇଁ ସବସିଡି ପ୍ରଦାନ କରାଯିବ:

| ବର୍ଗ | ଲିଗ୍ ସଂଖ୍ୟା | ସବସିଡି ପରିମାଣ |
|---|---|---|
| 1 ଷ୍ଟାର୍ | 28 | ₹25,000 |
| 2 ଷ୍ଟାର୍ | 14 | ₹50,000 |
| 3 ଷ୍ଟାର୍ | 7 | ₹1,00,000 |

ଯଦି ସମ୍ପୃକ୍ତ ବର୍ଗରେ ଅଧିକ ଯୋଗ୍ୟ ଲିଗ୍ ଅଛି, ତେବେ ଏହି ହ୍ୟାଣ୍ଡବୁକ୍ ର ଆପେଣ୍ଡିକ୍ସ ଏ ଅନୁଯାୟୀ ସର୍ବୋତ୍ତମ ଲିଗ୍ ଚୟନ କରାଯିବ । ଗୋଲଡେନ୍ ବେବି ଲିଗ୍ ସିଜନ୍ ଶେଷରେ ସବସିଡି ପ୍ରଦାନ କରାଯିବ ।

# ମ୍ୟାଚ୍ ଫର୍ମାଟ୍ (ଫୁଟବଲ୍)

| ବୟସ ବର୍ଗଗୁଡ଼ିକ | U6 | U7 | U8 | U9 | U10 | U11 | U12 |
|---|---|---|---|---|---|---|---|
| ଲିଙ୍ଗ ପ୍ରାଥମିକତା | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ |
| ବୟସ ସର୍ତ୍ତ (ଜନ୍ମ ହୋଇଛନ୍ତି) | 2017 କିମ୍ବା 2018 | 2016 କିମ୍ବା 2017 | 2015 କିମ୍ବା 2016 | 2014 କିମ୍ବା 2015 | 2013 କିମ୍ବା 2014 | 2012 କିମ୍ବା 2013 | 2011 କିମ୍ବା 2012 |
| ଖେଳ ଫର୍ମାଟ | 3 v 3<br>–<br>–<br>-<br>-<br>- | 3 v 3<br>4 v 4<br>5 v 5<br>-<br>-<br>- | –<br>4 v 4<br>5 v 5<br>-<br>-<br>- | –<br>4 v 4<br>5 v 5<br>6 v 6<br>7 v 7 (GK)<br>- | –<br>4 v 4<br>5 v 5 (GK)<br>6 v 6<br>7 v 7 (GK)<br>- | –<br>–<br>5 v 5 (GK)<br>-<br>7 v 7 (GK)<br>8 v 8 (GK) | –<br>–<br>5 v 5 (GK)<br>-<br>7 v 7 (GK)<br>8 v 8 (GK) |
| ମ୍ୟାଚ ସମୟ | 4x4 ସର୍ବନିମ୍ନ | 2x12 ସର୍ବନିମ୍ନ | 2x12 ସର୍ବନିମ୍ନ | 2x18 ସର୍ବନିମ୍ନ | 2x18 ସର୍ବନିମ୍ନ | 2x24 ସର୍ବନିମ୍ନ | 2x24 ସର୍ବନିମ୍ନ |
| ବିରତି ସମୟ | 2 ସର୍ବନିମ୍ନ | 4 ସର୍ବନିମ୍ନ | 4 ସର୍ବନିମ୍ନ | 6 ସର୍ବନିମ୍ନ | 6 ସର୍ବନିମ୍ନ | 8 ସର୍ବନିମ୍ନ | 8 ସର୍ବନିମ୍ନ |
| ଫୁଟବଲ୍ ଆକାର | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 | 4 | 4 | 4 କିମ୍ବା 5 | 4 କିମ୍ବା 5 |
| ଦିନ ପିଛା ସର୍ବାଧିକ ମ୍ୟାଚ୍ ସଂଖ୍ୟା | 2 | 2 | 2 | 2 | 2 | 2 | 2 |
| ସପ୍ତାହ ପିଛା ସର୍ବାଧିକ ମ୍ୟାଚ୍ ଦିନ ସଂଖ୍ୟା | 3 | 3 | 3 | 3 | 3 | 3 | 3 |
| ଗୋଲକିପର୍ | ନା | ନା | ନା | କେବଳ 7 v 7 ପାଇଁ | କେବଳ 7 v 7 ପାଇଁ | ହଁ | ହଁ |
| ସର୍ବାଧିକ ଗୋଲ୍ ପୋଷ୍ଟ ପରିସର (ଗୋଲକିପର ବିନା) | 1.82x1.22m | 1.82x1.22m | 1.82x1.22m | 1.82x1.22m | 1.82x1.22m | – | – |
| ସର୍ବାଧିକ ଗୋଲ୍ ପୋଷ୍ଟ ପରିସର (ଗୋଲକିପର ସହିତ) | – | – | – | 5x2m | 5x2m | 6x2m | 6x2m |

# ମ୍ୟାଚ୍ ଫର୍ମାଟ୍ (ଫୁଟସଲ୍)

| ବୟସ ବର୍ଗଗୁଡ଼ିକ | U6 | U7 | U8 | U9 | U10 | U11 | U12 |
|---|---|---|---|---|---|---|---|
| ଲିଙ୍ଗ ପ୍ରାଥମିକତା | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ |
| ବୟସ ସର୍ତ୍ତ (ଜନ୍ମ ହୋଇଛନ୍ତି) | 2017 କିମ୍ବା 2018 | 2016 କିମ୍ବା 2017 | 2015 କିମ୍ବା 2016 | 2014 କିମ୍ବା 2015 | 2013 କିମ୍ବା 2014 | 2012 କିମ୍ବା 2013 | 2011 କିମ୍ବା 2012 |
| ଖେଳ ଫର୍ମାଟ | 3 v 3<br>–<br>– | 3 v 3<br>4 v 4<br>– | –<br>4 v 4<br>– | –<br>4 v 4<br>5 v 5 (GK) | –<br>4 v 4<br>5 v 5 (GK) | –<br>–<br>5 v 5 (GK) | –<br>–<br>5 v 5 (GK) |
| ମ୍ୟାଚ ସମୟ | 4x6 ସର୍ବନିମ୍ନ | 2x12 ସର୍ବନିମ୍ନ | 2x12 ସର୍ବନିମ୍ନ | 2x15 ସର୍ବନିମ୍ନ | 2x15 ସର୍ବନିମ୍ନ | 2x20 ସର୍ବନିମ୍ନ | 2x20 ସର୍ବନିମ୍ନ |
| ବିରତି ସମୟ | 2 ସର୍ବନିମ୍ନ | 4 ସର୍ବନିମ୍ନ | 4 ସର୍ବନିମ୍ନ | 5 ସର୍ବନିମ୍ନ | 5 ସର୍ବନିମ୍ନ | 7 ସର୍ବନିମ୍ନ | 7 ସର୍ବନିମ୍ନ |
| ଫୁଟସଲ୍ ଆକାର | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 |
| ଦିନ ପିଛା ସର୍ବାଧିକ ମ୍ୟାଚ୍ ସଂଖ୍ୟା | 2 | 2 | 2 | 2 | 2 | 2 | 2 |
| ସପ୍ତାହ ପିଛା ସର୍ବାଧିକ ମ୍ୟାଚ୍ ଦିନ ସଂଖ୍ୟା | 3 | 3 | 3 | 3 | 3 | 3 | 3 |
| ଗୋଲକିପର୍ | ନା | ନା | ନା | କେବଳ 5 v 5 ପାଇଁ | କେବଳ 5 v 5 ପାଇଁ | ହଁ | ହଁ |
| ସର୍ବାଧିକ ଗୋଲ୍ ପୋଷ୍ଟ ପରିସର (ଗୋଲକିପର ବିନା) | 1.82x1.22m | 1.82x1.22m | 1.82x1.22m | 1.82x1.22m | 1.82x1.22m | – | – |
| ସର୍ବାଧିକ ଗୋଲ୍ ପୋଷ୍ଟ ପରିସର (ଗୋଲକିପର ସହିତ) | – | – | – | 3x2m | 3x2m | 3x2m | 3x2m |

ସମତଳ, ଚିକ୍କଣ ଏବଂ ଖଦଡ଼ା ପୃଷ୍ଠଗୁଡ଼ିକରେ ଉଭୟ ଇନଡୋର ଏବଂ ବାହାରେ ଫୁଟସଲ୍ ଖେଳାଯାଇପାରିବ । ଗୋଲଡେନ୍ ବେବି ଲିଗ୍ ପାଇଁ ଏହା କୃତ୍ରିମ ଟର୍ଫରେ ମଧ୍ୟ ଖେଳାଯାଇପାରିବ ।

ଏକ ଲୋ ବାଉନ୍ସ ଫୁଟସଲ୍ ବଲରେ ଫୁଟସଲ୍ ଖେଳାଯାଏ । ପିଲାମାନଙ୍କ ପାଇଁ ସାଇଜ୍ 3 ସୁପାରିଶ କରାଯାଏ କିନ୍ତୁ ସାଇଜ୍ 4 ଫୁଟସଲ୍ ବଲ୍ ସହିତ ମଧ୍ୟ ଖେଳାଯାଇପାରିବ ।

# ମ୍ୟାଚ୍ ଫର୍ମାଟ୍ | ବିଚ୍ ସକର୍

| ବୟସ ବର୍ଗଗୁଡ଼ିକ | U6 | U7 | U8 | U9 | U10 | U11 | U12 |
|---|---|---|---|---|---|---|---|
| ଲିଙ୍ଗ ପ୍ରାଥମିକତା | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ | ମିକ୍ସଡ |
| ବୟସ ସର୍ତ୍ତ (ଜନ୍ମ ହୋଇଛନ୍ତି) | 2017 କିମ୍ବା 2018 | 2016 କିମ୍ବା 2017 | 2015 କିମ୍ବା 2016 | 2014 କିମ୍ବା 2015 | 2013 କିମ୍ବା 2014 | 2012 କିମ୍ବା 2013 | 2011 କିମ୍ବା 2012 |
| ଖେଳ ଫର୍ମାଟ | 3 v 3<br>–<br>– | 3 v 3<br>4 v 4<br>– | –<br>4 v 4<br>– | –<br>4 v 4<br>5 v 5 (GK) | –<br>4 v 4<br>5 v 5 (GK) | –<br>–<br>5 v 5 (GK) | –<br>–<br>5 v 5 (GK) |
| ମ୍ୟାଚ ସମୟ | 3x3 ସର୍ବନିମ୍ନ | 3x4 ସର୍ବନିମ୍ନ | 3x4 ସର୍ବନିମ୍ନ | 3x5 ସର୍ବନିମ୍ନ | 3x5 ସର୍ବନିମ୍ନ | 3x6 ସର୍ବନିମ୍ନ | 3x6 ସର୍ବନିମ୍ନ |
| ବିରତି ସମୟ | 1 ସର୍ବନିମ୍ନ | 1 ସର୍ବନିମ୍ନ | 1 ସର୍ବନିମ୍ନ | 2 ସର୍ବନିମ୍ନ | 2 ସର୍ବନିମ୍ନ | 2 ସର୍ବନିମ୍ନ | 2 ସର୍ବନିମ୍ନ |
| ବଲ୍ ଆକାର | 3 କିମ୍ବା 4 | 3 କିମ୍ବା 4 | 3 କିମ୍ବା 4 | 4 | 4 | 4 କିମ୍ବା 5 | 4 କିମ୍ବା 5 |
| ଦିନ ପିଛା ସର୍ବାଧିକ ମ୍ୟାଚ୍ ସଂଖ୍ୟା | 2 | 2 | 2 | 2 | 2 | 2 | 2 |
| ସପ୍ତାହ ପିଛା ସର୍ବାଧିକ ମ୍ୟାଚ୍ ଦିନ ସଂଖ୍ୟା | 3 | 3 | 3 | 3 | 3 | 3 | 3 |
| ଗୋଲକିପର୍ | ନା | ନା | ନା | କେବଳ 5 v 5 ପାଇଁ | କେବଳ 5 v 5 ପାଇଁ | ହଁ | ହଁ |
| ସର୍ବାଧିକ ଗୋଲ୍ ପୋଷ୍ଟ ପରିସର (ଗୋଲକିପର ବିନା) | 1.82x1.22m | 1.82x1.22m | 1.82x1.22m | 1.82x1.22m | 1.82x1.22m | – | – |
| ସର୍ବାଧିକ ଗୋଲ୍ ପୋଷ୍ଟ ପରିସର (ଗୋଲକିପର ସହିତ) | – | – | – | 4x2m | 4x2m | 4x2m | 4x2m |

• ବିଚ୍ ସକର୍ ବାଲି ଉପରେ ଖାଲି ପାଦରେ ଖେଳାଯାଏ, ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ବାଲିଟି ରୁକ୍ଷ ହେବା ଉଚିତ୍ ନୁହେଁ ଏବଂ ଗୋଡ଼ି, ଶାମୁକା କିମ୍ବା ଅନ୍ୟ କୌଣସି ବସ୍ତୁ ନ ଥିବା ଉଚିତ ଯାହା ଜଣେ ବ୍ୟକ୍ତିଙ୍କୁ ଆଘାତ ପହଞ୍ଚାଇପାରେ ।

ସାଧାରଣତଃ ବିଚ୍ ସକର୍ ଏକ ଜଳାଶୟ ନିକଟରେ ଖେଳାଯାଏ, ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଲିଗ୍ ଅପରେଟର ବୟସ୍କଙ୍କ ତତ୍ତ୍ୱାବଧାନ ବିନା ପିଲାମାନେ ପାଣି ଭିତରକୁ ନ ଯିବା ପାଇଁ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କୁ ଯେପରି ନିୟୋଜିତ କରିବେ।

ଏକ ଷ୍ଟାଣ୍ଡାର୍ଡ ଫୁଟବଲ୍ ଆବଶ୍ୟକତାଠାରୁ ବାୟୁ ଚାପକୁ 0.2 ଏଟିଏମ୍ ହ୍ରାସ କରି ନିୟମିତ ଫୁଟବଲରେ ବିଚ୍ ଫୁଟବଲ୍ ଖେଳାଯାଇପାରିବ ।

# ପଏଣ୍ଟ ସିଷ୍ଟମ୍

ଗୋଲଡେନ୍ ବେବି ଲିଗ୍ ପଏଣ୍ଟ୍ ସିଷ୍ଟମ୍ ରେ ହାରିବା, ଡ୍ର ଏବଂ ବିଜୟ ପାଇଁ ଯଥାକ୍ରମେ ପାରମ୍ପରିକ 0,1,3 ପଏଣ୍ଟ ପରିବର୍ତ୍ତେ ହାରିବା, ଡ୍ର ଏବଂ ବିଜୟ ପାଇଁ ଯଥାକ୍ରମେ 1,2,3 ପଏଣ୍ଟ ବ୍ୟବହାର କରାଯିବ।

ଗୋଲ୍ଡେନ ବେବି ଲିଗରେ ସମସ୍ତ ଦଳ ଏବଂ ଖେଳାଳିଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି, ତେଣୁ କୌଣସି ଦଳ ଗୋଟିଏ ଗେମ୍ ହାରିଲେ ହରାଇଲେ ମଧ ସେମାନେ ଅଂଶଗ୍ରହଣ ପାଇଁ 1 ପଏଣ୍ଟ ପାଇବେ ।

ଖେଳଗୁଡ଼ିକ ରେଫରି କିମ୍ବା ଲିଗ୍ ଅପରେଟର୍ ଦ୍ୱାରା ଅପଡେଟ୍ ହେବା ପରେ ପଏଣ୍ଟଗୁଡ଼ିକ ଆପଣାଛାଏଁ ଗୋଲଡେନ୍ ବେବି ଲିଗ୍ ମୋବାଇଲ୍ ଆପ୍ଲିକେସନ୍ ରେ ପ୍ରତିଫଳିତ ହେବ



# ମ୍ୟାଚ୍ ଦିନଗୁଡ଼ିକରେ ପିଚ୍ ପ୍ରସ୍ତୁତି

ଉଦାହରଣଗୁଡିକ:





# ବାସ୍କେଟବଲ୍ କୋର୍ଟରେ ଫୁଟସଲ୍

ଗୋଲଡେନ୍ ବେବି ଲିଗ୍ ଗୁଡ଼ିକ ପାଇଁ, ଫୁଟସଲ୍ ଖେଳିବା ପାଇଁ ଏକ ବାସ୍କେଟବଲ୍ କୋର୍ଟକୁ ମାର୍କିଂରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ନ କରି ପ୍ରସ୍ତୁତ କରାଯାଇପାରିବ ।



# ବିଚ୍ ସକର୍ - ଫିଲ୍ଡ
# ଅଫ୍ ପ୍ଲେ





# ପିଚ୍ ନିର୍ଦ୍ଦେଶାବଳୀ

## ପୃଷ୍ଠ ଏବଂ ବଲର ପ୍ରକାର:



ପ୍ରାକୃତି ଘାସ



କୃତ୍ରିମ ଚଟାଣ



କାଠ ଚଟାଣ



କୃତ୍ରିମ ପିଚ୍



କଂକ୍ରିଟ ଚଟାଣ



ବାଲିଆ ଚଟାଣ

- ସ୍ଥାନ ନିରାପଦ ଏବଂ ଉତ୍ତମ ଭାବରେ ରକ୍ଷଣାବେକ୍ଷଣ କରାଯାଉଥିବା ଉଚିତ
- ଖେଳିବା ପାଇଁ ଏକ ସମାନିଆ ଚଟାଣ ଥିବା ଉଚିତ
- ଫୁଟସଲ୍ ବ୍ୟତୀତ, ଗୋଲ୍ ପୋଷ୍ଟଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ହେବା ଆବଶ୍ୟକ ଯାହା ଦ୍ୱାରା ସେଗୁଡ଼ିକ ନିରାପଦ ରହିବ ଏବଂ ପିଲାମାନଙ୍କ ଆଘାତକୁ ପ୍ରତିରୋଧ କରିବା ପାଇଁ ଘୁଞ୍ଚାଯାଇ ପାରିବ ନାହିଁ ।
- ଖେଳାଳି ଏବଂ ଦର୍ଶକଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ଉପଲବ୍ଧ ହେବା ଉଚିତ
- ପୁରୁଷ ଏବଂ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ଉପଲବ୍ଧ ହେବା ଉଚିତ
- ଖେଳା ଯାଉଥିବା ସ୍ଥାନ ସ୍ୱଷ୍ଟ ଭାବରେ ଚିହ୍ନିତ କରାଯିବା ଉଚିତ
- ଲିଗ୍ ସମ୍ବନ୍ଧୀୟ ବ୍ରାଣ୍ଡିଂ ଏବଂ ପ୍ରଚାର ସାମଗ୍ରୀ ସହିତ ପିଲାମାନଙ୍କ ପାଇଁ ଆକର୍ଷଣୀୟ ହେବା ଉଚିତ ଏଆଇଏଫ୍ଏଫ୍ ଏବଂ ଗୋଲଡେନ୍ ବେବି ଲିଗ୍ ବ୍ରାଣ୍ଡିଂ ବ୍ୟବହାର କରିବା ପାଇଁ ମଧ୍ୟ ସୁପାରିଶ କରାଯାଉଛି ।
- ସନ୍ଧ୍ୟା / ରାତିରେ ମ୍ୟାଚ୍ ପାଇଁ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ରହିବା ଉଚିତ
- ସୁପାରିଶ: ରେଫରିଙ୍କ ପାଖରେ ଉପଯୁକ୍ତ ୟୁନିଫର୍ମ କିଟ୍ ଏବଂ ହ୍ୱିସିଲ୍ ରହିବା ଉଚିତ
- ପଦସ୍ଥ ଦର୍ଶକମାନଙ୍କ ବସିବା ସ୍ଥାନଗୁଡ଼ିକ କୋନ୍, ଦଉଡି କିମ୍ବା ଅନ୍ୟ କୌଣସି ପ୍ରତିବନ୍ଧକ ବ୍ୟବହାର କରି ପ୍ରସ୍ତୁତ କରାଯିବା ଉଚିତ ପିଲା ଏବଂ ଟିମ୍ ମ୍ୟାନେଜରମାନଙ୍କ ପାଇଁ ସଂରକ୍ଷିତ ଅଞ୍ଚଳରେ କୌଣସି ଦର୍ଶକ (କିମ୍ବା ପିତାମାତା)ଙ୍କୁ ଅନୁମତି ଦିଆଯିବା ଉଚିତ୍ ନୁହେଁ ।



# ଚିକିତ୍ସା ବ୍ୟବସ୍ଥା

- ଏକ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ସହାୟତା କିଟ୍ ଖେଳ ପଡ଼ିଆରେ ରଖିବା ଉଚିତ । ଅନ୍ତତଃପକ୍ଷେ ଜଣେ ବ୍ୟକ୍ତି, ଖେଳା ଯାଉଥିବା ସ୍ଥାନରେ ଉପସ୍ଥିତ ରହି, ପ୍ରାଥମିକ ଚିକିତ୍ସା ସହାୟତା ଏବଂ ଜୀବନ ରକ୍ଷାକାରୀ ସହାୟତା ପ୍ରଦାନ ପାଇଁ ପ୍ରଶିକ୍ଷିତ ହୋଇଥିବା ଉଚିତ ।
- ଖେଳା ଯାଉଥିବା ସ୍ଥାନରେ ଜଣେ ଫିଜିଓ / ଡାକ୍ତର ରହିବା ସୁପାରିଶ କରାଯାଏ
- ନିଶ୍ଚିତ କରନ୍ତୁ ଯେ ଆମ୍ବୁଲାନ୍ସ ପାଇଁ ଜରୁରୀକାଳୀନ ଟେଲିଫୋନ୍ ନମ୍ବର, ଠିକଣା ଏବଂ ସଠିକ୍ ମାର୍ଗ ଉପଲବ୍ଧ ଅଛି, କଲ୍ କଲେ ଡାକ୍ତର ଆସିପାରୁଥିବେ ଏବଂ ଖେଳ ପଡ଼ିଆ ପାଖାପାଖି ଡାକ୍ତରଖାନା ଅଛି । ଲିଗ୍ ଆରମ୍ଭ ପୂର୍ବରୁ ଟିମ୍ ମ୍ୟାନେଜରମାନଙ୍କ ପାଇଁ ଏହି ସବିଶେଷ ତଥ୍ୟ ଉପଲବ୍ଧ ହେବା ଉଚିତ । ଏହି ବିବରଣି ଖେଳ ପଡ଼ିଆରେ ମଧ୍ୟ ପ୍ରଦର୍ଶିତ ହେବା ଉଚିତ ।
- ପାନୀୟ ବିରତିର ଆୟୋଜନ କରନ୍ତୁ (କିଛି ସମୟ ବ୍ୟବଧାନରେ ଅଳ୍ପ ପରିମାଣରେ ପାଣି ପିଇବାକୁ ଉତ୍ସାହିତ କରନ୍ତୁ) । କେତେ ପାଣି ପିଇବା ଉଚିତ: ପ୍ରତି 15-20 ମିନିଟରେ 200 ମିଲି। ଖେଳାଳି ଏବଂ ସ୍ୱେଚ୍ଛାସେବୀମାନଙ୍କ ପାଇଁ ପାଣି ଉପଲବ୍ଧ ହେବା ଉଚିତ ।
- ଖେଳାଳିମାନେ ମ୍ୟାଚ୍ ପୂର୍ବରୁ ୱାର୍ମ ଅପ୍ କରିବା ଉଚିତ୍
- ସମସ୍ତଙ୍କ ନିରାପତ୍ତା ପାଇଁ ଲିଗ୍ ଅପରେଟରମାନେ ପାଣିପାଗ ଜନିତ ପରିସ୍ଥିତି ଯେପରିକି ଗରମ, ବିଜୁଳି / ଘଡ଼ଘଡ଼ି ଇତ୍ୟାଦି ପ୍ରତି ଧ୍ୟାନ ଦେବା ଉଚିତ ।




# ଫୁଟବଲର ଏକ ସଫଳ ଦିନ ପାଇଁ ପାଞ୍ଚଟି ମୌଳିକ କାର୍ଯ୍ୟ

# ନିରାପତ୍ତାର ଅନୁଭବ

ପିଲାମାନଙ୍କୁ ଶାରୀରିକ ଏବଂ ମାନସିକ ଆଘାତରୁ ରକ୍ଷା କରିବା ଯଦି ଜଣେ ପିଲା ନିଜକୁ ସୁରକ୍ଷିତ ମଣୁନାହିଁ, ସେ ଖୁସି ମନରେ କାର୍ଯ୍ୟକଳାପକୁ ଉପଭୋଗ କରିବା କଷ୍ଟକର ହେବ ।

# ସ୍ୱାଗତ କରାଯାଉଥିବାର ଅନୁଭବ

ପିଲାର ବୟସ, ଲିଙ୍ଗ, ଦକ୍ଷତା / ଭିନ୍ନକ୍ଷମତା, ଆକାର, ସଂସ୍କୃତି କିମ୍ବା ଭାଷା ଯାହା ହେଉ ନା କାହିଁକି ସେ ତାର ସ୍ୱାଗତ କରାଯାଉଛି ବୋଲି ଅନୁଭବ କରିବା ଉଚିତ । ଫୁଟବଲ୍ ହେଉଛି ଏକ ପରିବେଶ ଯେଉଁଥିରେ କୌଣସି ପ୍ରକାରର ଭେଦଭାବ ରହିବା ଉଚିତ୍ ନୁହେଁ ।

# ଜଣେ "ଭଲ ଖେଳାଳୀ" ହେବାର ଅନୁଭବ

ପ୍ରତ୍ୟେକ ପିଲା ନିଜକୁ ସମର୍ଥ ଅନୁଭବ କରିବା ଜରୁରୀ  ଏହି କାରଣରୁ, ପିଲାମାନଙ୍କୁ ଖରାପ ଅପେକ୍ଷା ଭଲ କଥାଗୁଡ଼ିକ ଉପରେ ଗୁରୁତ୍ୱ ଦେବା ପାଇଁ ସର୍ବଦା ଉତ୍ସାହିତ କରିବା ଆବଶ୍ୟକ ।

# ବନ୍ଧୁତ୍ୱର ଅନୁଭବ

ନିଜର ତଥା ଅନ୍ୟ ଦଳର ଖେଳାଳୀମାନଙ୍କ ମଧ୍ୟରେ ବନ୍ଧୁତ୍ୱଭାବର ବିକାଶ ପାଇଁ ଏକ ପରିବେଶ ସୃଷ୍ଟି କରିବା। ବୟସ୍କମାନେ ପ୍ରଥମେ ତାହା କରି ଦେଖାଇ ପାରିବେ ।

# ଗୁରୁତ୍ୱପୂର୍ଣ୍ଣ ହେବାର ଅନୁଭବ

ପିଲାମାନେ ସୃଜନଶୀଳ ହେବା ସହିତ ନିଜର ଭାବନାକୁ ପ୍ରକାଶ କରିବା ପାଇଁ ଉତ୍ସାହିତ ହେବା ଜରୁରୀ



# ପିଲାମାନଙ୍କୁ ସୁରକ୍ଷିତ ରଖିବା

ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ ଗୋଲଡେନ ବେବି ଲିଗରେ ଅଂଶଗ୍ରହଣ କରୁଥିବା ସମସ୍ତ ପିଲାଙ୍କ ପାଇଁ ଏକ କୌତୁହଳପ୍ରଦ ଏବଂ ନିରାପଦ ପରିବେଶ ଯୋଗାଇବା ପାଇଁ ପ୍ରତିବଦ୍ଧ । ସମସ୍ତ ପିଲାମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ସର୍ବପ୍ରଥମ ପ୍ରାଥମିକତା । ଫୁଟବଲ୍ ଖେଳିବା ସମୟରେ, ପିଲାମାନଙ୍କୁ ଆଘାତରୁ ରକ୍ଷା କରିବା ଏବଂ ସେମାନଙ୍କୁ ଏକ ସକରାତ୍ମକ ଅଭିଜ୍ଞତା ପ୍ରଦାନ କରିବା ବୟସ୍କମାନଙ୍କ ସାମୂହିକ ଦାୟିତ୍ୱ । ଫୁଟବଲ୍ ପିଲାମାନଙ୍କ ସମେତ ସମସ୍ତଙ୍କ ଜୀବନରେ ଏକ ଦୃଢ଼ ଏବଂ ସକରାତ୍ମକ ପ୍ରଭାବ ପକାଇପାରେ ଏବଂ ଏହା ବାସ୍ତବିକତାରେ ପରିଣତ କରିବା ପାଇଁ ଆମେ ସଠିକ୍ ପରିବେଶ ଏବଂ ସଂସ୍କୃତି ଯୋଗାଇବା ଆବଶ୍ୟକ । ପିଲାମାନଙ୍କର ସୁରକ୍ଷା ଦାୟିତ୍ୱ ସମସ୍ତ ବୟସ୍କଙ୍କ ପାଇଁ ପ୍ରଯୁଜ୍ୟ  ଯଥା:

- ପିତାମାତା ଏବଂ ଅଭିଭାବକ
- କୋଚ୍, ଟିମ୍ ମ୍ୟାନେଜର୍ ଏବଂ ଦଳର କର୍ମକର୍ତ୍ତା
- ଲିଗ୍ ଅପରେଟର୍, ଏବଂ ଷ୍ଟାଫ୍ ମେମ୍ବର
- ମ୍ୟାଚ୍ କର୍ମକର୍ତ୍ତା
- ପ୍ରଯୋଜକ ଏବଂ ଅଂଶୀଦାର
- ଭଲ୍ୟୁଣ୍ଟିୟର୍ସ
- ପ୍ରଶଂସକ

ସମସ୍ତ ପିଲାଙ୍କୁ ଆଘାତରୁ ସୁରକ୍ଷିତ ରଖିବା ନିଶ୍ଚିତ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା । ଏହାର ଅର୍ଥ ହେଉଛି ବିପଦକୁ କମ୍ କରିବା ଏବଂ ପିଲାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା ପାଇଁ ସକ୍ରିୟ ଭାବରେ ଯଥାସମ୍ଭବ ପଦକ୍ଷେପ ନେବା।

ଶିଶୁ ସୁରକ୍ଷା ବିଷୟରେ ଅଧିକ ଜାଣିବା ପାଇଁ, ଆମେ ଦୃଢ଼ ଭାବରେ ପରାମର୍ଶ ଦେଉଛୁ ଯେ ଆପଣ https://safeguardinginsport.fifa.com/ ରେ ଫିଫା ଗାର୍ଡିଆନ୍ ସେଫଗାର୍ଡିଙ୍ଗ୍ ଏସେନସିଆଲ୍ସ ପାଠ୍ୟକ୍ରମ ପଢ଼ି ସମାପ୍ତ କରନ୍ତୁ ।



# ଆଚରଣ ସଂହିତା

ଆଚରଣ ସଂହିତା ହେଉଛି ଶିଶୁ ଏବଂ ବୟସ୍କଙ୍କ ପାଇଁ ଆଚରଣ ଏବଂ ମନୋଭାବ ନିର୍ଦ୍ଦେଶାବଳୀ ଯାହା ବିଷୟରେ ଲିଗ୍ ଅପରେଟରମାନେ ବୁଝାଇଦେବେ । ରେଫରେନ୍ସ ପାଇଁ ଆମେ କିଛି ଆଚରଣ ବିଧି ସେୟାର୍ କରୁଛୁ, କିନ୍ତୁ ଏହା ସମ୍ପୂର୍ଣ୍ଣ କିମ୍ବା ଚୂଡାନ୍ତ ନୁହେଁ । ଆପଣଙ୍କ ସମୁଦାୟ ପାଇଁ ଯାହା ପ୍ରଯୁଜ୍ୟ ସେ ଅନୁଯାୟୀ ଆପଣ ଆଚରଣ ବିଧି ଯୋଡି ପାରିବେ କିମ୍ବା ସରଳ କରିପାରିବେ । ଲିଗ୍ ପୂର୍ବରୁ ଅପରେଟରମାନେ ମଧ୍ୟ ଓରିଏଣ୍ଟେସନ୍ ମିଟିଂ  କରିବାକୁ ପ୍ରୋତ୍ସାହିତ କରାଯାଉଛି ଯେଉଁଥିରେ ପିଲା, ପିତାମାତା, କୋଚ୍, ରେଫରିମାନେ ଅଂଶଗ୍ରହଣ କରିପାରିବେ, ଆଲୋଚନା କରିପାରିବେ, ସହମତ ହେବେ ଏବଂ ଲିଗ୍ ପାଇଁ ନିଜସ୍ୱ ଆଚରଣ ବିଧି ନିରୂପଣ କରିପାରିବେ ।

## ପିଲାମାନଙ୍କର ଆଚରଣ ସଂହିତା

ମୁଁ:

- ଉପଭୋଗ କରିବା ଏବଂ ଖୁସି ହେବା ପାଇଁ ଖେଳିବି
- ଦଳରେ ଜଣେ ଭଲ ସାଥୀ ହେବି
- ପ୍ରତିପକ୍ଷଙ୍କୁ ସମ୍ମାନ ଦେବି ଏବଂ ଖେଳ ପୂର୍ବରୁ ଏବଂ ପରେ ସେମାନଙ୍କୁ ଅଭିବାଦନ କରିବି
- ଖେଳର ନିୟମ ଶିଖିବି ଏବଂ ସମ୍ମାନ କରିବି
- ରେଫରି ଏବଂ କୋଚମାନଙ୍କ ନିଷ୍ପତ୍ତି ଗ୍ରହଣ କରିବି
- ନିରପେକ୍ଷ ଭବାରେ ଖେଳିବି
- ଜିତିଲେ ନମ୍ର ରହିବି ଏବଂ ହାରିଲେ ଦୁଃଖୀ ହେବି ନାହିଁ
- ମୋର କୋଚ୍, ପିତାମାତା କିମ୍ବା ଅଭିଭାବକମାନଙ୍କ ସହିତ ଖେଳକୁ ଯିବି
- ଯଦି କୌଣସି ପିଲା କିମ୍ବା ମୁଁ ଅସୁସ୍ଥ କିମ୍ବା ଆଘାତପ୍ରାପ୍ତ ହେବି, ମୋର କୋଚ୍, ଅଭିଭାବକ କିମ୍ବା ଅଭିଭାବକମାନଙ୍କୁ ଜଣାଇବି
- ଯଦି କୌଣସି ପିଲା କିମ୍ବା ମୁଁ କୌଣସି ବିଷୟରେ ଖୁସି ନୁହେଁ କିମ୍ବା ନିଜକୁ ସୁରକ୍ଷିତ ମଣୁ ନାହିଁ ତେବେ ମୋର କୋଚ୍, ପିତାମାତା କିମ୍ବା ଅଭିଭାବକମାନଙ୍କ ସହିତ କଥା ହେବି



# ଅଭିଭାବକଙ୍କ ଆଚରଣ ସଂହିତା

**କୋଚ୍ | ପିତାମାତା | ଭଲ୍ୟୁଣ୍ଟିୟର୍ସ | ସଂପୃକ୍ତ ସମସ୍ତ ବୟସ୍କମାନେ**

ମୁଁ

- ପିଲାମାନଙ୍କୁ ସେମାନେ ନିଜେ ଉପଭୋଗ କରିବା ପାଇଁ ଖେଳିବାକୁ ଉତ୍ସାହିତ କରିବି
- ଫଳାଫଳ ନୁହେଁ ବରଂ ପ୍ରୟାସ ଏବଂ ଅଂଶଗ୍ରହଣକୁ ପ୍ରଶଂସା କରିବି
- ଯାନ୍ତ୍ରିକ ତ୍ରୁଟି ପାଇଁ କିମ୍ବା ମ୍ୟାଚରେ ହରିବା ପାଇଁ ପିଲାକୁ କଦାପି ଭର୍ତ୍ସନା କରିବି ନାହିଁ
- ପିଲାମାନଙ୍କୁ ସର୍ବଦା ଖେଳର ନିୟମକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିବି
- ଖେଳର ଫଳାଫଳ ଯାହା ହେଉ ନା କାହିଁକି ଉଭୟ ଦଳକୁ ଉତ୍ସାହିତ କରିବି ଏବଂ ଅଭିନନ୍ଦନ ଜଣାଇବି
- କୋଚ୍ ଏବଂ ରେଫରିମାନଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବି, ଏବଂ ପିଲାମାନଙ୍କୁ ମଧ୍ୟ ତାହା କରିବାକୁ କହିବି
- ପିଲାମାନଙ୍କୁ ବାଧ୍ୟ କରିବା ପରିବର୍ତ୍ତେ ଉତ୍ସାହିତ କରିବି
- ସଂପୃକ୍ତ ପିଲାମାନଙ୍କର କୌଣସି ଅସୁସ୍ଥତା କିମ୍ବା ଆଘାତ ବିଷୟରେ ସଚେତନ ରହିବି
- ଫୁଟବଲରୁ ସମସ୍ତ ପ୍ରକାର ଅପବ୍ୟବହାର ଦୂର କରିବାରେ ସାହାଯ୍ୟ କରିବି ଏବଂ ପିଲାମାନଙ୍କ ପାଇଁ ଏକ ନିରାପଦ ଏବଂ ସକରାତ୍ମକ ପରିବେଶ ଯୋଗାଇବାରେ ସାହାଯ୍ୟ କରିବି
- ଭଲ୍ୟୁଣ୍ଟିୟର୍, ପ୍ରଶିକ୍ଷକ, ସଂଗଠକ, ଏବଂ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସମର୍ଥନ, ଉତ୍ସାହିତ ଏବଂ ସାହାଯ୍ୟ କରିବି ଏବଂ ସେମାନଙ୍କୁ କଦାପି ସମାଲୋଚନା କିମ୍ବା ନିରୁତ୍ସାହିତ କରିବି ନାହିଁ
- ପିଲାମାନଙ୍କ ପାଇଁ ଜଣେ ଆଦର୍ଶ ଭାବରେ କାର୍ଯ୍ୟ କରିବି ଏବଂ ଯାହା କହିବି ତାହା କରି ଦେଖାଇବି ।



# ରେଫରିଙ୍କ ଆଚରଣ ସଂହିତା

ମୁଁ:

- ମନେରଖିବି ଯେ ପିଲାମାନଙ୍କ ପାଇଁ ଏକ ମ୍ୟାଚ୍ ରେଫରି ଭାବରେ କାମ କରିବା ବୟସ୍କମାନଙ୍କ ପାଇଁ ଏକ ମ୍ୟାଚ୍ ରେଫରି କାମ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ।
- ପିଲା ଏବଂ ପ୍ରଶିକ୍ଷକମାନଙ୍କୁ ମ୍ୟାଚ୍ ପୂର୍ବରୁ ଏବଂ ପରେ ପରସ୍ପରକୁ ଅଭିବାଦନ କରିବାକୁ କହିବି ।
- ସମସ୍ତ ପରିସ୍ଥିତିରେ ନ୍ୟାୟପୂର୍ଣ୍ଣ ଖେଳ ନିଶ୍ଚିତ କରିବି ।
- ନିୟମର ଉଲ୍ଲଂଘନ ଦର୍ଶାଇବାବେଳେ ସ୍ଥିର, ନିରପେକ୍ଷ ଏବଂ ନମ୍ର ରହିବି
- ବିଶେଷକରି ପିଲାମାନଙ୍କୁ ନିୟମ ଉଲ୍ଲଂଘନଗୁଡିକର ବ୍ୟାଖ୍ୟା ଏବଂ ସ୍ପଷ୍ଟ କରିବି ।
- ଅତ୍ୟଧିକ ହସ୍ତକ୍ଷେପ କରିବି ନାହିଁ ଏବଂ ପିଲାମାନଙ୍କୁ ଖେଳିବାକୁ ଦେବି ।
- ତ୍ରୁଟି ଅପେକ୍ଷା ଖେଳର ଉତ୍ସାହ ଉପରେ ଗୁରୁତ୍ୱ ଦେବି ।
- ପିଲା କିମ୍ବା ବୟସ୍କଙ୍କ ପାଇଁ ଅନୁପଯୁକ୍ତ ଭାଷାକୁ ବରଦାସ୍ତ କରିବି ନାହିଁ ।
- ପିଲାମାନଙ୍କୁ ଆଘାତ କିମ୍ବା ଅତ୍ୟାଚାରରୁ ରକ୍ଷା କରିବି ।
- ସମସ୍ତଙ୍କ ସହିତ ସକରାତ୍ମକ ଏବଂ ଉତ୍ସାହପ୍ରଦ ବ୍ୟବହାର କରିବି ।

# ଜିଲ୍ଲା ଚାମ୍ପିୟନସିପ୍

- ପ୍ରତ୍ୟେକ ଜିଲ୍ଲା ଯେଉଁଠି 5 କିମ୍ବା ଅଧିକ ଗୋଲଡେନ୍ ବେବି ଲିଗ୍ ଆୟୋଜିତ ହୁଏ ଏକ ଜିଲ୍ଲା ଚାମ୍ପିଅନସିପ୍ ପ୍ଲେ ଅଫ୍ ରାଉଣ୍ଡ ପାଇଁ ଯୋଗ୍ୟ ବିବେଚିତ ହେବ ।

- ପ୍ରତ୍ୟେକ ଗୋଲଡେନ୍ ବେବି ଲିଗ୍ ର ଖେଳାଳିମାନେ ଲିଗ୍ ଅପରେଟରଙ୍କ ଦ୍ୱାରା ମନୋନୀତ ହେବେ ଏବଂ ସମ୍ପୃକ୍ତ ଗୋଲ୍ଡେନ୍ ବେବି ଲିଗ୍ ଦଳର ପ୍ରତିନିଧିତ୍ୱ କରିବେ ।

- ଚାମ୍ପିଅନସିପ୍ U8, U10 ଏବଂ U12 ବୟସ ବର୍ଗରେ ଖେଳାଯିବ ।

- ୟୁଥ୍ ଲିଗ୍ ପାଇଁ ଖେଳାଳି ନିଯୁକ୍ତି ପାଇଁ ଏହା ଏକାଡେମୀ ଏବଂ କ୍ଲବର ସ୍କାଉଟମାନଙ୍କ ପାଇଁ ମଧ୍ୟ ସୁଯୋଗ ପ୍ରଦାନ କରିବ ।

- ପ୍ରତ୍ୟେକ ବୟସ ବର୍ଗର ବିଜେତାମାନଙ୍କୁ ଜିଲ୍ଲା ଚାମ୍ପିୟନ୍ ଭାବରେ ଘୋଷିତ କରାଯିବ!





# ଲିଗ୍ ଅପରେଟର୍ ରାଙ୍କିଂ

ଲିଗ୍ ଅପରେଟରମାନେ, 1 ଷ୍ଟାର୍, 2 ଷ୍ଟାର୍ ଏବଂ 3 ଷ୍ଟାର୍ ଗୋଲଡେନ୍ ବେବି ଲିଗ୍ ର ପ୍ରତ୍ୟେକ ବର୍ଗ ମଧ୍ୟରେ ନିମ୍ନ ପାରାମିଟରଗୁଡ଼ିକ ଆଧାରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଅନୁଯାୟୀ ମାନ୍ୟତା ପାଇବେ । ଆପେଣ୍ଡିକ୍ସ ଏରେ ଅଧିକ ସୂଚନା ଦିଆଯାଇଛି:

- ସମସ୍ତ ବୟସ ବର୍ଗରେ ଖେଳାଯାଇଥିବା ମୋଟ ମ୍ୟାଚ୍ ସଂଖ୍ୟା
- କନିଷ୍ଠ ଖେଳାଳିଙ୍କ ଅଂଶଗ୍ରହଣର ଅନୁପାତ
- ବାଳିକାମାନଙ୍କର ଅଂଶଗ୍ରହଣ
- ପଞ୍ଜୀକୃତ ଇ ସାର୍ଟିଫିକେଟ୍ କୋଚମାନଙ୍କ ସଂଖ୍ୟା
- ଏଆଇଏଫ୍ଏଫ୍ ପ୍ରତିନିଧିମାନଙ୍କ ଦ୍ୱାରା ସ୍ଥାନ ମୂଲ୍ୟାଙ୍କନ
- ସୋସିଆଲ୍ ମିଡିଆର ବ୍ୟବହାର



# ଖେଳର ମାନକ




# ଫୁଟବଲ୍

# ଖେଳର ସଂଶୋଧିତ ଫୁଟବଲ ନିୟମ : 3v3

| | |
|---|---|
| ନିୟମ 1 : ଫିଲ୍ଡ ଅଫ୍ ପ୍ଲେ | ଚଉଡ଼ା : 10-12 ମିଟର<br>ଲମ୍ବ : 15-20 ମିଟର |
| ନିୟମ 2 : ବଲ୍ | ବଲ ଆକାର 3 କିମ୍ବା 4 ହୋଇପାରେ । |
| ନିୟମ 3: ଖେଳାଳୀମାନେ | 4-5 ଖେଳାଳୀ (3 ଜଣ ଆଉଟଫିଲ୍ଡ ଖେଳାଳୀ+1-2 ସବଷ୍ଟିଚ୍ୟୁଟ) ସବଷ୍ଟିଚ୍ୟୁଟ୍ ଖେଳାଳୀଙ୍କୁ ଯେତେ ଥର ଚାହିଁଲେ ନିୟୋଜିତ କରାଯାଇପାରିବ ଏବଂ ଯେକୌଣସି ସମୟରେ ସାମିଲ କରାଯାଇପାରିବ । |
| ନିୟମ 4 : ଖେଳାଳୀମାନଙ୍କ ଉପକରଣ | ଯେକୌଣସି ସ୍ପୋର୍ଟସ୍ ଜୋତା ଏବଂ ଶିନ୍ ଗାର୍ଡ ବାଧ୍ୟତାମୂଳକ ।<br>ଦଳର କିଟ୍‌ଗୁଡ଼ିକ ସମାନ ରଙ୍ଗର ହୋଇଥିବା ଉଚିତ । ବିକଳ୍ପ ଭାବେ, ରଙ୍ଗୀନ ବିବ୍ ମଧ୍ୟ ବ୍ୟବହାର କରାଯାଇପାରିବ । ପ୍ରତିପକ୍ଷ ଦଳ ଭିନ୍ନ ରଙ୍ଗର ପୋଷାକ ପିନ୍ଧିବା ଉଚିତ୍ । |
| ନିୟମ 5: ରେଫ୍ରି | ଖେଳ ପରିବେଶକୁ କୌତୁହଳପ୍ରଦ, ନିରାପଦ ଏବଂ ପିଲା କେନ୍ଦ୍ରିକ ରଖିବା ଲାଗି ଜଣେ ଖେଳ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇପାରେ । ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ରହିଛି ସମୟ ଗଣନା କରିବା, ନିୟମ ମାନିବା ଖେଳ ଆରମ୍ଭ, ବନ୍ଦ ଓ ପୁନଃ ଆରମ୍ଭ କରିବା, ସ୍କୋର ଗଣନା କରିବା ଏବଂ ଉଭୟ ଦଳର ସବୁଠୁ 'ଗୁରୁତ୍ୱପୂର୍ଣ୍ଣ ଖେଳାଳୀ'ଙ୍କୁ ଚିହ୍ନଟ କରିବା । |
| ନିୟମ 6: ମ୍ୟାଚର ଅନ୍ୟ ଅଧିକାରୀଗଣ | ଆବଶ୍ୟକ ନାହିଁ |
| ନିୟମ 7 : ମ୍ୟାଚର ଅବଧି | ମ୍ୟାଚ୍ ସମୟ : 6 ମିନିଟ୍ ଲେଖାଏଁ 4 ଟି କ୍ୱାର୍ଟର୍<br>ବିରତି ସମୟ : 2 ମିନିଟ୍ |
| ନିୟମ 8: ଖେଳ ଆରମ୍ଭ ଏବଂ ପୁନଃଆରମ୍ଭ | ସେଣ୍ଟର ମାର୍କ ଠାରୁ ପ୍ରତିଦ୍ୱନ୍ଦ୍ୱୀମାନେ ଅତିକମରେ 2 ଗଜ ଦୂରରେ ରହିବେ । |
| ନିୟମ 9: ଖେଳରେ ବଲ ଇନ୍ ଏଣ୍ଡ ଆଉଟ୍ | ଆଉଟ୍ : ଆଉଟ୍ ଅଫ ପ୍ଲେ ହେବା ପାଇଁ ବଲ୍ ସମ୍ପୂର୍ଣ୍ଣ ଭାବେ ଲାଇନ୍ ଅତିକ୍ରମ କରିବା ଜରୁରୀ ।<br>ଇନ୍ : ପିଚ୍ ଭିତରେ ବଲ ଫିଙ୍ଗାଯାଇଥିବା ଉଚିତ । |
| ନିୟମ 10: ଏକ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରିବା | ଗୋଲପୋଷ୍ଟ ଭିତରେ, ବଲ ସମ୍ପୂର୍ଣ୍ଣ ଭାବେ ଗୋଲ ଲାଇନ୍ ଅତିକ୍ରମ କଲେ ଏକ ଗୋଲ୍ ସ୍କୋର ହୋଇଥାଏ । |
| ନିୟମ 11 : ଅଫସାଇଡ୍ | ଅଫସାଇଡ ନାହିଁ |
| ନିୟମ 12 : ଫାଉଲ ଏବଂ ଦୁର୍ବ୍ୟବହାର | ଖେଳର ଆଇଏଫଏବି/ଫିଫା ନିୟମ ଲାଗୁ ହେବ । ତେବେ, ଅଧିକ ସମୟ ଖେଳ ବନ୍ଦ ଯେପରି ନହେବ ସେଥିପ୍ରତି ଆମେ ସଚେତନ ରହିବା ଉଚିତ । ଯଥା ସମ୍ଭବ, ପିଲାମାନଙ୍କୁ ଖେଳିବାକୁ ଦେବା ଉଚିତ । |
| ନିୟମ 13 : ଫ୍ରି କିକ୍ | ସବୁ ଫ୍ରି କିକ୍ ଡାଇରେକ୍ଟ ହେବ । ପ୍ରତିଦ୍ୱନ୍ଦ୍ୱୀମାନେ ଅତିକମରେ 2 ଗଜ ଦୂରରେ ରହିବା ଉଚିତ୍ । |
| ନିୟମ 14 : ପେନାଲ୍ଟି କିକ୍ | ପେନାଲ୍ଟି ଏରିଆ ଭିତରେ ଏକ ସିରିୟସ ଫାଉଲ ହୋଇଥିବା ନେଇ ରେଫ୍ରି/ଗେମ୍ ଅଫିସିଆଲ ବିଚାର କଲେ ପେନାଲ୍ଟି କିକ୍ ମିଳିବ । |
| ନିୟମ 15 : କିକ୍ ଇନ୍ | ଖେଳ ପୁଣିଥରେ ଆରମ୍ଭ କରିବା ଲାଗି ପିଚ୍ ଭିତରକୁ ବଲକୁ କିକ୍ ମାରିବା ଆବଶ୍ୟକ ।<br>ସବୁ କିକ-ଇନ୍ ଗୁଡ଼ିକ ପରୋକ୍ଷ ବା ଇନଡାଇରେକ୍ଟ ହୋଇଥାଏ ଅର୍ଥାତ୍ ଗୋଟିଏ କିକ-ଇନ୍ ଜରିଆରେ ଗୋଲ ସ୍କୋର କରାଯାଇପାରିବ ନାହିଁ । |
| ନିୟମ 16 : ଗୋଲ୍ କିକ୍ | ଯଦି ଆକ୍ରମଣକାରୀ ଦଳ ଗୋଲ୍ ଲାଇନକୁ ବଲ୍ କ୍ରସ କରିବାର ପୂର୍ବରୁ ଶେଷରେ ସ୍ପର୍ଶ କରନ୍ତି, ତା'ହେଲେ ପ୍ରତିପକ୍ଷ ଦଳକୁ ଏକ ଗୋଲ୍ କିକ୍ ପାଇଁ ସୁଯୋଗ ମିଳିବ।<br><br>ଗୋଲ୍ ଏରିଆର ଯେକୌଣସି ସ୍ଥାନରୁ ଗୋଲ୍ କିକ୍ ନିଆଯାଇପାରିବ । କେତେକ କ୍ଷେତ୍ରରେ, ଗୋଲ ଏରିଆ ଏବଂ ପେନାଲ୍ଟି ଏରିଆର ଅର୍ଥ ସମାନ ହୋଇଥାଏ । |
| ନିୟମ 17 : କର୍ଣ୍ଣର କିକ୍ | ଯଦି ବଲ୍ ଗୋଲ ଲାଇନକୁ ଅତିକ୍ରମ କରିବା ପୂର୍ବରୁ ଡିଫେଣ୍ଡିଂ ଦଳ ଶେଷରେ ଏହାକୁ ସ୍ପର୍ଶ କରନ୍ତି, ତା'ହେଲେ, ଆକ୍ରମଣକାରୀ ଦଳକୁ ଏକ କର୍ଣ୍ଣର କିକ୍ ସୁଯୋଗ ଦିଆଯିବ । |

# ଖେଳର ସଂଶୋଧିତ ଫୁଟବଲ ନିୟମ : 4v4

| | |
|---|---|
| ନିୟମ 1 : ଫିଲ୍ଡ ଅଫ୍ ପ୍ଲେ | ପ୍ରସ୍ଥ: 12-15 ମିଟର<br>ଦୈର୍ଘ୍ୟ : 20-25 ମିଟର |
| ନିୟମ 2 : ବଲ୍ | ବଲ ଆକାର 3 କିମ୍ବା 4 ହୋଇପାରେ । |
| ନିୟମ 3: ଖେଳାଳୀମାନେ | 6-7 ଖେଳାଳୀ (4 ଆଉଟଫିଲ୍ଡ ଖେଳାଳୀ + 2-3 ସବଷ୍ଟିଚ୍ୟୁଟ୍)<br>ସବଷ୍ଟିଚ୍ୟୁଟ୍ ଖେଳାଳୀଙ୍କୁ ଯେତେ ଥର ଚାହିଁଲେ ନିୟୋଜିତ କରାଯାଇପାରିବ ଏବଂ ଯେକୌଣସି ସମୟରେ ସାମିଲ କରାଯାଇପାରିବ । |
| ନିୟମ 4 : ଖେଳାଳୀମାନଙ୍କ ଉପକରଣ | ଯେକୌଣସି ସ୍ପୋର୍ଟସ୍ ଜୋତା ଏବଂ ଶିନ୍ ଗାର୍ଡ ବାଧ୍ୟତାମୂଳକ ।<br>ଦଳର କିଟ୍‌ଗୁଡ଼ିକ ସମାନ ରଙ୍ଗର ହୋଇଥିବା ଉଚିତ । ବିକଳ୍ପ ଭାବେ, ରଙ୍ଗୀନ ବିବ୍ ମଧ୍ୟ ବ୍ୟବହାର କରାଯାଇପାରିବ । ପ୍ରତିପକ୍ଷ ଦଳ ଭିନ୍ନ ରଙ୍ଗର ପୋଷାକ ପିନ୍ଧିବା ଉଚିତ । |
| ନିୟମ 5: ରେଫ୍ରି | ଖେଳ ପରିବେଶକୁ କୌତୁହଳପ୍ରଦ, ନିରାପଦ ଏବଂ ପିଲା କେନ୍ଦ୍ରିକ ରଖିବା ଲାଗି ଜଣେ ଖେଳ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇପାରେ । ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ରହିଛି ସମୟ ଗଣନା କରିବା, ନିୟମ ମାନିବା ଖେଳ ଆରମ୍ଭ, ବନ୍ଦ ଓ ପୁନଃ ଆରମ୍ଭ କରିବା, ସ୍କୋର ଗଣନା କରିବା ଏବଂ ଉଭୟ ଦଳର ସବୁଠୁ 'ଗୁରୁତ୍ୱପୂର୍ଣ୍ଣ ଖେଳାଳୀ'ଙ୍କୁ ଚିହ୍ନଟ କରିବା । |
| ନିୟମ 6: ମ୍ୟାଚର ଅନ୍ୟ ଅଧିକାରୀଗଣ | ଆବଶ୍ୟକ ନାହିଁ |
| ନିୟମ 7 : ମ୍ୟାଚର ଅବଧି | ମ୍ୟାଚ୍ ସମୟ : 12 ମିନିଟ୍ ଲେଖାଏଁ 2 ଭାଗ<br>ବିରତି ସମୟ : 4 ମିନିଟ୍ |
| ନିୟମ 8: ଖେଳ ଆରମ୍ଭ ଏବଂ ପୁନଃଆରମ୍ଭ | ସେଣ୍ଟର ମାର୍କ ଠାରୁ ପ୍ରତିଦ୍ୱନ୍ଦ୍ୱୀମାନେ ଅତିକମରେ 3 ଗଜ ଦୂରରେ ରହିବେ। |
| ନିୟମ 9: ଖେଳରେ ବଲ ଇନ୍ ଏଣ୍ଡ ଆଉଟ୍ | ଆଉଟ୍ : ଆଉଟ୍ ଅଫ ପ୍ଲେ ହେବା ପାଇଁ ବଲ୍ ସମ୍ପୂର୍ଣ୍ଣ ଭାବେ ଲାଇନ୍ ଅତିକ୍ରମ କରିବା ଜରୁରୀ ।<br>ଇନ୍ : ପିଚ୍ ଭିତରେ ବଲ ଫିଙ୍ଗାଯାଇଥିବା ଉଚିତ । |
| ନିୟମ 10: ଏକ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରିବା | ଗୋଲପୋଷ୍ଟ ଭିତରେ, ବଲ ସମ୍ପୂର୍ଣ୍ଣ ଭାବେ ଗୋଲ ଲାଇନ୍ ଅତିକ୍ରମ କଲେ ଏକ ଗୋଲ୍ ସ୍କୋର ହୋଇଥାଏ । |
| ନିୟମ 11 : ଅଫସାଇଡ୍ | ଅଫସାଇଡ ନାହିଁ |
| ନିୟମ 12 : ଫାଉଲ ଏବଂ ଦୁର୍ବ୍ୟବହାର | ଖେଳର ଆଇଏଫଏବି/ଫିଫା ନିୟମ ଲାଗୁ ହେବ । ତେବେ, ଅଧିକ ସମୟ ଖେଳ ବନ୍ଦ ଯେପରି ନହେବ ସେଥିପ୍ରତି ଆମେ ସଚେତନ ରହିବା ଉଚିତ । ଯଥା ସମ୍ଭବ, ପିଲାମାନଙ୍କୁ ଖେଳିବାକୁ ଦେବା ଉଚିତ । |
| ନିୟମ 13 : ଫ୍ରି କିକ୍ | ସବୁ ଫ୍ରି କିକ୍ ଡାଇରେକ୍ଟ ହେବ । ପ୍ରତିଦ୍ୱନ୍ଦ୍ୱୀମାନେ ଅତିକମରେ 3 ଗଜ ଦୂରରେ ରହିବା ଉଚିତ୍ । |
| ନିୟମ 14 : ପେନାଲ୍ଟି କିକ୍ | ପେନାଲ୍ଟି ଏରିଆ ଭିତରେ ଏକ ସିରିୟସ ଫାଉଲ ହୋଇଥିବା ନେଇ ରେଫ୍ରି/ଗେମ୍ ଅଫିସିଆଲ ବିଚାର କଲେ ପେନାଲ୍ଟି କିକ୍ ମିଳିବ । |
| ନିୟମ 15 : କିକ୍ ଇନ୍ | ଖେଳ ପୁଣିଥରେ ଆରମ୍ଭ କରିବା ଲାଗି ପିଚ୍ ଭିତରକୁ ବଲକୁ କିକ୍ ମାରିବା ଆବଶ୍ୟକ । ସବୁ କିକ-ଇନ୍ ଗୁଡ଼ିକ ପରୋକ୍ଷ ବା ଇନଡାଇରେକ୍ଟ ହୋଇଥାଏ ଅର୍ଥାତ୍ ଗୋଟିଏ କିକ-ଇନ୍ ଜରିଆରେ ଗୋଲ ସ୍କୋର କରାଯାଇପାରିବ ନାହିଁ । |
| ନିୟମ 16 : ଗୋଲ୍ କିକ୍ | ଯଦି ଆକ୍ରମଣକାରୀ ଦଳ ଗୋଲ୍ ଲାଇନକୁ ବଲ୍ କ୍ରସ କରିବାର ପୂର୍ବରୁ ଶେଷରେ ସ୍ପର୍ଶ କରନ୍ତି, ତା'ହେଲେ ପ୍ରତିପକ୍ଷ ଦଳକୁ ଏକ ଗୋଲ୍ କିକ୍ ପାଇଁ ସୁଯୋଗ ମିଳିବ।<br><br>ଗୋଲ୍ ଏରିଆର ଯେକୌଣସି ସ୍ଥାନରୁ ଗୋଲ୍ କିକ୍ ନିଆଯାଇପାରିବ । କେତେକ କ୍ଷେତ୍ରରେ, ଗୋଲ ଏରିଆ ଏବଂ ପେନାଲ୍ଟି ଏରିଆର ଅର୍ଥ ସମାନ ହୋଇଥାଏ । |
| ନିୟମ 17 : କର୍ଣ୍ଣର କିକ୍ | ଯଦି ବଲ୍ ଗୋଲ ଲାଇନକୁ ଅତିକ୍ରମ କରିବା ପୂର୍ବରୁ ଡିଫେଣ୍ଡିଂ ଦଳ ଶେଷରେ ଏହାକୁ ସ୍ପର୍ଶ କରନ୍ତି, ତା'ହେଲେ, ଆକ୍ରମଣକାରୀ ଦଳକୁ ଏକ କର୍ଣ୍ଣର କିକ୍ ର ସୁଯୋଗ ଦିଆଯିବ । |

# ଖେଳର ସଂଶୋଧିତ ଫୁଟବଲ ନିୟମ : 5v5

| | |
|---|---|
| ନିୟମ 1 : ଫିଲ୍ଡ ଅଫ୍ ପ୍ଲେ | ପ୍ରସ୍ଥ: 20-25 ମିଟର<br>ଦୈର୍ଘ୍ୟ: 30-35 ମିଟର |
| ନିୟମ 2 : ବଲ୍ | 7 ଏବଂ 8 ବର୍ଷରୁ କମ୍ ବୟସ ବର୍ଗ ପାଇଁ ବଲ୍ ଆକାର 3 କିମ୍ବା 4 ହୋଇପାରେ<br>9 ଏବଂ 10 ବର୍ଷରୁ କମ୍ ବୟସ ବର୍ଗ ପାଇଁ ବଲ୍ ଆକାର 4 ହେବା ଉଚିତ । |
| ନିୟମ 3: ଖେଳାଳୀମାନେ | 7-8 ଖେଳାଳୀ (5 ଆଉଟଫିଲ୍ଡ ଖେଳାଳୀ + 2-3 ସବଷ୍ଟିଚ୍ୟୁଟ)<br>ସବଷ୍ଟିଚ୍ୟୁଟ୍ ଖେଳାଳୀଙ୍କୁ ଯେତେ ଥର ଚାହିଁଲେ ନିୟୋଜିତ କରାଯାଇପାରିବ ଏବଂ ଯେକୌଣସି ସମୟରେ ସାମିଲ କରାଯାଇପାରିବ । |
| ନିୟମ 4 : ଖେଳାଳୀମାନଙ୍କ ଉପକରଣ | ଯେକୌଣସି ସ୍ପୋର୍ଟସ୍ ଜୋତା ଏବଂ ଶିନ୍ ଗାର୍ଡ ବାଧ୍ୟତାମୂଳକ ।<br>ଦଳର କିଟ୍‌ଗୁଡ଼ିକ ସମାନ ରଙ୍ଗର ହୋଇଥିବା ଉଚିତ । ବିକଳ୍ପ ଭାବେ, ରଙ୍ଗୀନ ବିବ୍ ମଧ ବ୍ୟବହାର କରାଯାଇପାରିବ । ପ୍ରତିପକ୍ଷ ଦଳ ଭିନ୍ନ ରଙ୍ଗର ପୋଷାକ ପିନ୍ଧିବା ଉଚିତ । |
| ନିୟମ 5: ରେଫ୍ରି | ଖେଳ ପରିବେଶକୁ କୌତୁହଳପ୍ରଦ, ନିରାପଦ ଏବଂ ପିଲା କେନ୍ଦ୍ରିକ ରଖିବା ଲାଗି ଜଣେ ଖେଳ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇପାରେ । ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ରହିଛି ସମୟ ଗଣନା କରିବା, ନିୟମ ମାନିବା ଖେଳ ଆରମ୍ଭ, ବନ୍ଦ ଓ ପୁନଃ ଆରମ୍ଭ କରିବା, ସ୍କୋର ଗଣନା କରିବା ଏବଂ ଉଭୟ ଦଳର ସବୁଠୁ 'ଗୁରୁତ୍ୱପୂର୍ଣ୍ଣ ଖେଳାଳୀ'ଙ୍କୁ ଚିହ୍ନଟ କରିବା । |
| ନିୟମ 6: ମ୍ୟାଚର ଅନ୍ୟ ଅଧିକାରୀଗଣ | ଆବଶ୍ୟକ ନାହିଁ |
| ନିୟମ 7 : ମ୍ୟାଚର ଅବଧି | 7 ଏବଂ 8 ବର୍ଷରୁ କମ୍ ବର୍ଗ ପାଇଁ:<br>ମ୍ୟାଚ୍ ସମୟ : 12 ମିନିଟ୍ ଲେଖାଏଁ 2 ଭାଗ<br>ବିରତି ସମୟ : 4 ମିନିଟ୍<br>9 ଏବଂ 10 ରୁ କମ୍ ବୟସ ବର୍ଗ ପାଇଁ :<br>ମ୍ୟାଚ୍ ସମୟ : 18 ମିନିଟ୍ ଲେଖାଏଁ 2 ଭାଗ<br>ବିରତି ସମୟ : 6 ମିନିଟ୍ |
| ନିୟମ 8: ଖେଳ ଆରମ୍ଭ ଏବଂ ପୁନଃଆରମ୍ଭ | ସେଣ୍ଟର ମାର୍କ ଠାରୁ ପ୍ରତିଦ୍ୱନ୍ଦ୍ୱୀମାନେ ଅତିକମରେ 4 ଗଜ ଦୂରରେ ରହିବେ। |
| ନିୟମ 9: ଖେଳରେ ବଲ ଇନ୍ ଏଣ୍ଡ ଆଉଟ୍ | ଆଉଟ୍ : ଆଉଟ୍ ଅଫ ପ୍ଲେ ହେବା ପାଇଁ ବଲ୍ ସମ୍ପୂର୍ଣ୍ଣ ଭାବେ ଲାଇନ୍ ଅତିକ୍ରମ କରିବା ଜରୁରୀ ।<br>ଇନ୍ : ପିଚ୍ ଭିତରେ ବଲ ଫିଙ୍ଗାଯାଇଥିବା ଉଚିତ । |
| ନିୟମ 10: ଏକ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରିବା | ଗୋଲପୋଷ୍ଟ ଭିତରେ, ବଲ ସମ୍ପୂର୍ଣ୍ଣ ଭାବେ ଗୋଲ ଲାଇନ୍ ଅତିକ୍ରମ କଲେ ଏକ ଗୋଲ୍ ସ୍କୋର ହୋଇଥାଏ । |
| ନିୟମ 11 : ଅଫସାଇଡ୍ | ଅଫସାଇଡ ନାହିଁ |
| ନିୟମ 12 : ଫାଉଲ ଏବଂ ଦୁର୍ବ୍ୟବହାର | 7 ଏବଂ 8 ରୁ କମ୍ ବୟସ ବର୍ଗ: ଖେଳର ଆଇଏଫଏବି/ଫିଫା ନିୟମ ଲାଗୁ ହେବ । ତେବେ, ଅଧିକ ସମୟ ଖେଳ ବନ୍ଦ ଯେପରି ନହେବ ସେଥିପ୍ରତି ଆମେ ସଚେତନ ରହିବା ଉଚିତ । ଯଥା ସମ୍ଭବ, ପିଲାମାନଙ୍କୁ ଖେଳିବାକୁ ଦେବା ଉଚିତ । 9 ଏବଂ 10 ରୁ କମ୍ ବୟସ ବର୍ଗ: ଖେଳର ଆଇଏଫଏବି/ଫିଫା ନିୟମ ଲାଗୁ ହେବ । ହଳଦିଆ ଏବଂ ନାଲି କାର୍ଡ ପ୍ରଚଳିତ ହୋଇଛି । ଚେତାବନୀ ପାଇଁ ହଳଦିଆ କାର୍ଡ । ଯଦି ଜଣେ ଖେଳାଳୀଙ୍କୁ ଦୁଇ ଥର ହଳଦିଆ ଏବଂ ଥରେ ନାଲି କାର୍ଡ ଦେଖାଯାଏ ତା'ହେଲେ ତାଙ୍କୁ 2 ମିନିଟ୍ ପାଇଁ ଖେଳରୁ ବାହାରିବାକୁ ପଡ଼ିବ। |
| ନିୟମ 13 : ଫ୍ରି କିକ୍ | ସବୁ ଫ୍ରି କିକ୍ ଡାଇରେକ୍ଟ ହେବ । |
| ନିୟମ 14 : ପେନାଲ୍ଟି କିକ୍ | ପେନାଲ୍ଟି ଏରିଆ ଭିତରେ ଏକ ସିରିୟସ ଫାଉଲ ହୋଇଥିବା ନେଇ ରେଫ୍ରି/ଗେମ୍ ଅଫିସିଆଲ ବିଚାର କଲେ ପେନାଲ୍ଟି କିକ୍ ମିଳିବ । |
| ନିୟମ 15 : କିକ୍ ଇନ୍ | ଖେଳ ପୁଣିଥରେ ଆରମ୍ଭ କରିବା ଲାଗି ପିଚ୍ ଭିତରକୁ ବଲକୁ କିକ୍ ମାରିବା ଆବଶ୍ୟକ । ସବୁ କିକ-ଇନ୍ ଗୁଡ଼ିକ ପରୋକ୍ଷ ବା ଇନଡାଇରେକ୍ଟ ହୋଇଥାଏ ଅର୍ଥାତ୍ ଗୋଟିଏ କିକ-ଇନ୍ ଜରିଆରେ ଗୋଲ ସ୍କୋର କରାଯାଇପାରିବ ନାହିଁ । |
| ନିୟମ 16 : ଗୋଲ୍ କିକ୍ | ଯଦି ଆକ୍ରମଣକାରୀ ଦଳ ଗୋଲ୍ ଲାଇନକୁ ବଲ୍ କ୍ରସ କରିବାର ପୂର୍ବରୁ ଶେଷରେ ସ୍ପର୍ଶ କରନ୍ତି, ତା'ହେଲେ ପ୍ରତିପକ୍ଷ ଦଳକୁ ଏକ ଗୋଲ୍ କିକ୍ ପାଇଁ ସୁଯୋଗ ମିଳିବ।<br><br>ଗୋଲ୍ ଏରିଆର ଯେକୌଣସି ସ୍ଥାନରୁ ଗୋଲ୍ କିକ୍ ନିଆଯାଇପାରିବ । କେତେକ କ୍ଷେତ୍ରରେ, ଗୋଲ ଏରିଆ ଏବଂ ପେନାଲ୍ଟି ଏରିଆର ଅର୍ଥ ସମାନ ହୋଇଥାଏ । |
| ନିୟମ 17 : କର୍ଣ୍ଣର କିକ୍ | ଯଦି ବଲ୍ ଗୋଲ ଲାଇନକୁ ଅତିକ୍ରମ କରିବା ପୂର୍ବରୁ ଡିଫେଣ୍ଡିଂ ଦଳ ଶେଷରେ ଏହାକୁ ସ୍ପର୍ଶ କରନ୍ତି, ତା'ହେଲେ, ଆକ୍ରମଣକାରୀ ଦଳକୁ ଏକ କର୍ଣ୍ଣର କିକ୍ ସୁଯୋଗ ଦିଆଯିବ । |

# ଖେଳର ସଂଶୋଧିତ ଫୁଟବଲ ନିୟମ : 6v6

| | |
|---|---|
| ନିୟମ 1 : ଫିଲ୍ଡ ଅଫ୍ ପ୍ଲେ | ପ୍ରସ୍ଥ: 25-30 ମିଟର<br>ଦୈର୍ଘ୍ୟ: 35-40 ମିଟର |
| ନିୟମ 2 : ବଲ୍ | ବଲ୍ ର ଆକାର 4 ହେବା ଉଚିତ । |
| ନିୟମ 3: ଖେଳାଳୀମାନେ | 9-10 ଖେଳାଳୀ (6 ଜଣ ଆଉଟ ଫିଲ୍ଡ ଖେଳାଳୀ + 3-4 ଜଣ ସବଷ୍ଟିଚ୍ୟୁଟ)<br>ସବଷ୍ଟିଚ୍ୟୁଟ୍ ଖେଳାଳୀଙ୍କୁ ଯେତେ ଥର ଚାହିଁଲେ ନିୟୋଜିତ କରାଯାଇପାରିବ ଏବଂ ଯେକୌଣସି ସମୟରେ ସାମିଲ କରାଯାଇପାରିବ । |
| ନିୟମ 4 : ଖେଳାଳୀମାନଙ୍କ ଉପକରଣ | ଯେକୌଣସି ସ୍ପୋର୍ଟସ୍ ଜୋତା ଏବଂ ଶିନ୍ ଗାର୍ଡ ବାଧ୍ୟତାମୂଳକ । ଟିମ୍ କିଟ୍ ଏକା ରଙ୍ଗର ହେବା ଉଚିତ । ବିକଳ୍ପ ଭାବେ, ରଙ୍ଗୀନ ବିବ୍ ମଧ୍ୟ ବ୍ୟବହାର କରାଯାଇପାରିବ । ପ୍ରତିପକ୍ଷ ଦଳ ଭିନ୍ନ ରଙ୍ଗର ପୋଷାକ ପିନ୍ଧିବା ଉଚିତ । |
| ନିୟମ 5: ରେଫ୍ରି | ଖେଳ ପରିବେଶକୁ କୌତୁହଳପ୍ରଦ, ନିରାପଦ ଏବଂ ପିଲା କେନ୍ଦ୍ରିକ ରଖିବା ଲାଗି ଜଣେ ଖେଳ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇପାରେ । ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ରହିଛି ସମୟ ଗଣନା କରିବା, ନିୟମ ମାନିବା ଖେଳ ଆରମ୍ଭ, ବନ୍ଦ ଓ ପୁନଃ ଆରମ୍ଭ କରିବା, ସ୍କୋର ଗଣନା କରିବା ଏବଂ ଉଭୟ ଦଳର ସବୁଠୁ 'ଗୁରୁତ୍ୱପୂର୍ଣ୍ଣ ଖେଳାଳୀ'ଙ୍କୁ ଚିହ୍ନଟ କରିବା । |
| ନିୟମ 6: ମ୍ୟାଚର ଅନ୍ୟ ଅଧିକାରୀଗଣ | ଆବଶ୍ୟକ ନାହିଁ |
| ନିୟମ 7 : ମ୍ୟାଚର ଅବଧି | ମ୍ୟାଚ୍ ସମୟ: 18 ମିନିଟ୍ ଲେଖାଏଁ 2 ଭାଗ<br>ବିରତି ସମୟ: 6 ମିନିଟ୍ |
| ନିୟମ 8: ଖେଳ ଆରମ୍ଭ ଏବଂ ପୁନଃଆରମ୍ଭ | ସେଣ୍ଟର ମାର୍କ ଠାରୁ ପ୍ରତିଦ୍ୱନ୍ଦ୍ୱୀମାନେ ଅତିକମରେ 5 ଗଜ ଦୂରରେ ରହିବା ଉଚିତ । |
| ନିୟମ 9: ଖେଳରେ ବଲ ଇନ୍ ଏଣ୍ଡ ଆଉଟ୍ | ଆଉଟ୍ : ଆଉଟ୍ ଅଫ ପ୍ଲେ ହେବା ପାଇଁ ବଲ୍ ସମ୍ପୂର୍ଣ୍ଣ ଭାବେ ଲାଇନ୍ ଅତିକ୍ରମ କରିବା ଜରୁରୀ ।<br>ଇନ୍ : ପିଚ୍ ଭିତରେ ବଲ ଫିଙ୍ଗାଯାଇଥିବା ଉଚିତ । |
| ନିୟମ 10: ଏକ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରିବା | ଗୋଲପୋଷ୍ଟ ଭିତରେ, ବଲ ସମ୍ପୂର୍ଣ୍ଣ ଭାବେ ଗୋଲ ଲାଇନ୍ ଅତିକ୍ରମ କଲେ ଏକ ଗୋଲ୍ ସ୍କୋର ହୋଇଥାଏ । |
| ନିୟମ 11 : ଅଫସାଇଡ୍ | ଅଫସାଇଡ ନାହିଁ |
| ନିୟମ 12 : ଫାଉଲ ଏବଂ ଦୁର୍ବ୍ୟବହାର | ଖେଳର ଆଇଏଫଏବି/ଫିଫା ନିୟମ ଲାଗୁ ହେବ । ତେବେ, ଅଧିକ ସମୟ ଖେଳ ବନ୍ଦ ଯେପରି ନହେବ ସେଥିପ୍ରତି ଆମେ ସଚେତନ ରହିବା ଉଚିତ । ଯଥା ସମ୍ଭବ, ପିଲାମାନଙ୍କୁ ଖେଳିବାକୁ ଦେବା ଉଚିତ । ହଳଦିଆ ଏବଂ ନାଲି କାର୍ଡ ପ୍ରଚଳିତ ହୋଇଛି । ଚେତାବନୀ ପାଇଁ ହଳଦିଆ କାର୍ଡ । ଯଦି ଜଣେ ଖେଳାଳୀଙ୍କୁ ଦୁଇ ଥର ହଳଦିଆ ଏବଂ ଥରେ ନାଲି କାର୍ଡ ଦେଖାଯାଏ ତା'ହେଲେ ତାଙ୍କୁ 2 ମିନିଟ୍ ପାଇଁ ଖେଳରୁ ବାହାରିବାକୁ ପଡ଼ିବ। |
| ନିୟମ 13 : ଫ୍ରି କିକ୍ | ସବୁ ଫ୍ରି କିକ୍ ଡାଇରେକ୍ଟ ହେବ । |
| ନିୟମ 14 : ପେନାଲ୍ଟି କିକ୍ | ପେନାଲ୍ଟି ଏରିଆ ଭିତରେ ଏକ ସିରିୟସ ଫାଉଲ ହୋଇଥିବା ନେଇ ରେଫ୍ରି/ଗେମ୍ ଅଫିସିଆଲ ବିଚାର କଲେ ପେନାଲ୍ଟି କିକ୍ ମିଳିବ । |
| ନିୟମ 15 : କିକ୍ ଇନ୍ | ଖେଳ ପୁଣିଥରେ ଆରମ୍ଭ କରିବା ଲାଗି ପିଚ୍ ଭିତରକୁ ବଲକୁ କିକ୍ ମାରିବା ଆବଶ୍ୟକ । ସବୁ କିକ-ଇନ୍ ଗୁଡ଼ିକ ପରୋକ୍ଷ ବା ଇନଡାଇରେକ୍ଟ ହୋଇଥାଏ ଅର୍ଥାତ୍ ଗୋଟିଏ କିକ-ଇନ୍ ଜରିଆରେ ଗୋଲ ସ୍କୋର କରାଯାଇପାରିବ ନାହିଁ । |
| ନିୟମ 16 : ଗୋଲ୍ କିକ୍ | ଯଦି ଆକ୍ରମଣକାରୀ ଦଳ ଗୋଲ୍ ଲାଇନକୁ ବଲ୍ କ୍ରସ କରିବାର ପୂର୍ବରୁ ଶେଷରେ ସ୍ପର୍ଶ କରନ୍ତି, ତା'ହେଲେ ପ୍ରତିପକ୍ଷ ଦଳକୁ ଏକ ଗୋଲ୍ କିକ୍ ପାଇଁ ସୁଯୋଗ ମିଳିବ। ଗୋଲ୍ ଏରିଆର ଯେକୌଣସି ସ୍ଥାନରୁ ଗୋଲ୍ କିକ୍ ନିଆଯାଇପାରିବ । କେତେକ କ୍ଷେତ୍ରରେ, ଗୋଲ ଏରିଆ ଏବଂ ପେନାଲ୍ଟି ଏରିଆର ଅର୍ଥ ସମାନ ହୋଇଥାଏ । |
| ନିୟମ 17 : କର୍ଣ୍ଣର କିକ୍ | ଯଦି ବଲ୍ ଗୋଲ ଲାଇନକୁ ଅତିକ୍ରମ କରିବା ପୂର୍ବରୁ ଡିଫେଣ୍ଡିଂ ଦଳ ଶେଷରେ ଏହାକୁ ସ୍ପର୍ଶ କରନ୍ତି, ତା'ହେଲେ, ଆକ୍ରମଣକାରୀ ଦଳକୁ ଏକ କର୍ଣ୍ଣର କିକ୍ ସୁଯୋଗ ଦିଆଯିବ । |

# ଖେଳର ସଂଶୋଧିତ ଫୁଟବଲ ନିୟମ : 7v7(GK)

| | |
|---|---|
| ନିୟମ 1 : ଫିଲ୍ଡ ଅଫ୍ ପ୍ଲେ | ପ୍ରସ୍ଥ: 30-35 ମିଟର<br>ଦୈର୍ଘ୍ୟ : 45-50 ମିଟର |
| ନିୟମ 2 : ବଲ୍ | 9 ଏବଂ 10 ରୁ କମ୍ ବୟସ ବର୍ଗ :ବଲ୍ ର ଆକାର 4 ହେବା ଉଚିତ ।<br>11 ଏବଂ 12 ରୁ କମ୍ ବୟସ ବର୍ଗ :ବଲ୍ ର ଆକାର 4 କିମ୍ବା 5 ହେବା ଉଚିତ । |
| ନିୟମ 3: ଖେଳାଳୀମାନେ | 10-11 ଖେଳାଳୀ (6 ଜଣ ଆଉଟ ଫିଲ୍ଡ ଖେଳାଳୀ + ଗୋଲକିପର +3-4 ଜଣ ସବଷ୍ଟିଚ୍ୟୁଟ ଖେଳାଳୀ) ସବଷ୍ଟିଚ୍ୟୁଟ୍ ଖେଳାଳୀ ସାମିଲ ହେବା ଅସୀମିତ ଏବଂ ଏହା ଯେକୌଣସି ଷ୍ଟପେଜ୍ ସମୟରେ ହୋଇପାରେ |
| ନିୟମ 4 : ଖେଳାଳୀମାନଙ୍କ ଉପକରଣ | ଯେକୌଣସି ସ୍ପୋର୍ଟସ୍ ଜୋତା ଏବଂ ଶିନ୍ ଗାର୍ଡ ବାଧ୍ୟତାମୂଳକ । ଦଳର କିଟ୍‌ଗୁଡ଼ିକ ସମାନ ରଙ୍ଗର ହୋଇଥିବା ଉଚିତ୍ । ବିକଳ୍ପ ଭାବେ, ରଙ୍ଗୀନ ବିବ୍ସ ବ୍ୟବହାର କରାଯାଇପାରିବ । ପ୍ରତିପକ୍ଷ ଦଳ ଭିନ୍ନ ରଙ୍ଗର ପୋଷାକ ପିନ୍ଧିବା ଉଚିତ୍ । ଗୋଲକିପର ଗ୍ଲୋବ୍ସ ପିନ୍ଧିବା ଉଚିତ୍ କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ । |
| ନିୟମ 5: ରେଫ୍ରି | ଖେଳ ପରିବେଶକୁ କୌତୁହଳପ୍ରଦ, ନିରାପଦ ଏବଂ ପିଲା କେନ୍ଦ୍ରିକ ରଖିବା ଲାଗି ଜଣେ ଖେଳ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇପାରେ । ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ରହିଛି ସମୟ ଗଣନା କରିବା, ନିୟମ ମାନିବା ଖେଳ ଆରମ୍ଭ, ବନ୍ଦ ଓ ପୁନଃ ଆରମ୍ଭ କରିବା, ସ୍କୋର ଗଣନା କରିବା ଏବଂ ଉଭୟ ଦଳର ସବୁଠୁ 'ଗୁରୁତ୍ୱପୂର୍ଣ୍ଣ ଖେଳାଳୀ'ଙ୍କୁ ଚିହ୍ନଟ କରିବା । |
| ନିୟମ 6: ମ୍ୟାଚର ଅନ୍ୟ ଅଧିକାରୀଗଣ | ଅନ୍ୟ ମ୍ୟାଚ୍ ଅଧିକାରୀମାନେ ବୈକଳ୍ପିକ । |
| ନିୟମ 7 : ମ୍ୟାଚର ଅବଧି | 9 ଏବଂ 10 ରୁ କମ :<br>ମ୍ୟାଚ୍ ସମୟ : 18 ମିନିଟ୍ ଲେଖାଏଁ 2 ଭାଗ<br>ବିଶ୍ରାମ ସମୟ : 6 ମିନିଟ୍<br>11 ଏବଂ 12 ରୁ କମ୍ :<br>ମ୍ୟାଚ୍ ସମୟ : 24 ମିନିଟ୍ ଲେଖାଏଁ 2 ଭାଗ<br>ବିଶ୍ରାମ ସମୟ :8 ମିନିଟ୍ |
| ନିୟମ 8: ଖେଳ ଆରମ୍ଭ ଏବଂ ପୁନଃଆରମ୍ଭ | ସେଣ୍ଟର ମାର୍କ ଠାରୁ ପ୍ରତିଦ୍ୱନ୍ଦୀମାନେ ଅତିକମରେ 6 ୟାର୍ଡ ଦୂରରେ ରହିବେ । |
| ନିୟମ 9: ଖେଳରେ ବଲ ଇନ୍ ଏଣ୍ଡ ଆଉଟ୍ | ଆଉଟ୍ : ଆଉଟ୍ ଅଫ ପ୍ଲେ ହେବା ପାଇଁ ବଲ୍ ସମ୍ପୂର୍ଣ୍ଣ ଭାବେ ଲାଇନ୍ ଅତିକ୍ରମ କରିବା ଜରୁରି ।<br>ଇନ୍ : ପିଚ୍ ଭିତରେ ବଲ ଫିଙ୍ଗିବା ଉଚିତ୍ । |
| ନିୟମ 10: ଏକ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରିବା | ଗୋଲପୋଷ୍ଟ ଭିତରେ, ବଲ ସମ୍ପୂର୍ଣ୍ଣ ଭାବେ ଗୋଲ ଲାଇନ୍ ଅତିକ୍ରମ କଲେ ଏକ ଗୋଲ୍ ସ୍କୋର ହୋଇଥାଏ । |
| ନିୟମ 11 : ଅଫସାଇଡ୍ | ଅଫସାଇଡ୍ ନିୟମ ବୈକଳ୍ପିକ |
| ନିୟମ 12 : ଫାଉଲ ଏବଂ ଦୁର୍ବ୍ୟବହାର | ଖେଳର ଆଇଏଫଏବି/ଫିଫା ନିୟମ ଲାଗୁ ହେବ । ହଳଦିଆ ଏବଂ ନାଲି କାର୍ଡ ପ୍ରଚଳିତ ହୋଇଛି । ଚେତାବନୀ ପାଇଁ ହଳଦିଆ କାର୍ଡ । ଯଦି ଜଣେ ଖେଳାଳୀଙ୍କୁ ଦୁଇ ଥର ହଳଦିଆ ଏବଂ ଥରେ ନାଲି କାର୍ଡ ଦେଖାଯାଏ ତା'ହେଲେ ତାଙ୍କୁ 2 ମିନିଟ୍ ପାଇଁ ଖେଳରୁ ବାହାରିବାକୁ ପଡ଼ିବ। |
